بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

ସମ୍ପାଦକ:
କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ
ବଦର
Weekly BADAR Qadian
କାଦିଆନ
Odia

ସଂଖ୍ୟା: 37
ବାର୍ଷିକ ଦେୟ : 600/-

www.akhbarbadr.in

08 ରବିଉଲ୍ ଅୱଲ୍ 1446 ହି.କ, 12 ତୁବୁକ୍ 1403 ହି.ଶ, 12 Sep -2024 ମସିହା

## ଅଲ୍ଲାଃତାଲାଙ୍କ ବାଣୀ

وَأُدۡخِلَ الَّذِیۡنَ اٰمَنُوۡا وَعَمِلُوا الصّٰلِحٰتِ جَنّٰتٍ تَجۡرِیۡ مِنۡ تَحۡتِہَا الۡاَنۡہٰرُ خٰلِدِیۡنَ فِیۡہَا بِاِذۡنِ رَبِّہِمۡ ؕ تَحِیَّتُہُمۡ فِیۡہَا سَلٰمٌ ○

**(ଅଲ୍ ଇବ୍ରାହିମ୍ : 24)**

**ଅନୁବାଦ:** ଏବଂ ଯେଉଁମାନେ ବିଶ୍ୱାସ କରିଥାଆନ୍ତି ଓ ସତ-କର୍ମ (ଯଥାର୍ଥ କର୍ମ) କରିଥା-ଆନ୍ତି ସେମାନଙ୍କୁ ସେମାନଙ୍କ ପାଳନକର୍ତ୍ତାଙ୍କ ଆଦେଶାନୁଯା-ୟୀ ଏପରି ବୈକୁଣ୍ଠରେ ପ୍ରବିଷ୍ଟ କରାଯିବ ଯାହାର ନିମ୍ନ ଦେଶରେ ଝରଣା ପ୍ରବାହିତ ହେଉଥିବ ଏବଂ ସେମାନେ ସେଠାରେ ସର୍ବଦା ବାସ କରିବେ। ସେଠାରେ ସେମା-ନଙ୍କର ପରସ୍ପର ପାଇଁ ଏହି ପ୍ରାର୍ଥ-ନା ହେବ ତୁମ ପ୍ରତି ଶାନ୍ତି ହେଉ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନ୍ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ଶୈକ୍ଷିକ ସଭାର ମାହାତ୍ମ୍ୟ

ହ. ଅବ୍ଦୁଲ୍ଲାଃ ବିନ୍ ଅବ୍ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ତୁମେମାନେ ଯେତେବେଳେ ବୈକୁଣ୍ଠର ଉଦ୍ୟାନ ମଧ୍ୟ ଦେଇ ଅତିକ୍ରମ କର ସେତେବେଳେ ତୁମେମାନେ ତହିଁରେ ଭଲ ଭାବରେ ବିଚରଣ କର । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ବୈକୁଣ୍ଠର ଉଦ୍ୟାନରୁ କ'ଣ ଯଥାର୍ଥ ? ଆପଣ ସ.ଅ କହିଲେ, ତହିଁରୁ ଶୈକ୍ଷିକ ସଭା ଯଥାର୍ଥ । **(ଅତ ତର୍ଗିବ୍ ୱତ୍ ତର୍ହିବ୍ ଲିଲ୍ମୁନ୍ଜରୀ, କିତାବୁଲ୍ ଇଲ୍ମି ବାବୁତ୍ ତର୍ଗିବି ଫ ମଜାଲିସତିଲ୍ ଉଲମା)**

### ଇସ୍ତିଗ୍ଫାର୍ର ମହତ୍ତ୍ୱ

ହ.ଅବ୍ଦୁଲ୍ଲାଃ ବିନ୍ ଅବ୍ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଯେଉଁ ବ୍ୟକ୍ତି ଇସ୍ତିଗ୍ଫାର୍କୁ ଅନିର୍ବାର୍ଯ୍ୟ କରିନେଲା ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ପ୍ରତ୍ୟେକ ଦୁଃଖ କଷ୍ଟରୁ ମୁକ୍ତି ପ୍ରଦାନ କରିବେ ଏବଂ ପ୍ରତ୍ୟେକ ଅଭାବ ଓ ଅନଟନରୁ ବାହାରିବା ନିମନ୍ତେ ତା' ପାଇଁ ମାର୍ଗ ସୃଷ୍ଟି ତଥା ପ୍ରଶସ୍ତ କରିଦେବେ । ପ୍ରଭୁ ତା'କୁ ଏପରି ସ୍ଥାନରୁ (ସ୍ରୋତ/ମାଧ୍ୟମରୁ) ଜୀବିକା ପ୍ରଦାନ କରିବେ ଯାହା ସଂପର୍କରେ ତାର ଧାରଣା ମଧ୍ୟ ନଥିଲା ଅର୍ଥାତ୍ ସ୍ୱପ୍ନରେ ସେ ଭାବି ନଥିବ। **(ଇବ୍ନେ ମାଜା କିତାବୁଲ୍ ଅଦବ୍, ବାବୁଲ୍ ଇସ୍ତିଗ୍ଫାର-11, ହଦିସ୍ ନଂ-2317)**

### ଧର୍ମପ୍ରାଣା ବା ଧାର୍ମିକ ମହିଳା ସହିତ ବିବାହ କରିବା

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ଚାରୋଟି ଉଦ୍ଦେଶ୍ୟ ରଖି ଜଣେ ପୁରୁଷ ଜଣ ମହିଳା ସହିତ ବିବାହ କରିଥାଏ । 1- ତା'ର ଧନ ଦେଖି ବିବାହ କରିଥାଏ, 2- ତା'ର ବଂଶକୁ ଦେଖି ବିବାହ କରିଥାଏ, 3- ତା'ର ସୌନ୍ଦର୍ଯ୍ୟକୁ ଦେଖି ବିବାହ କରିଥାଏ, 4- ତା'ର ଧାର୍ମିକତାକୁ ଦେଖି ବିବାହ କରିଥାଏ । ତେଣୁ ତୁମେମାନେ ଧାର୍ମିକ ମହିଳାକୁ ମହତ୍ ବୋଲି ମନେକରି ବିବାହ କରିବା ଉଚିତ୍ । **(ବୁଖାରୀ, କିତାବୁନ୍ ନିକାହ୍, ବାବୁଲ୍ ଇକ୍ଫା ଫିଦ୍ ଦିନୀ)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ମନୁଷ୍ୟ ପକ୍ଷେ ଏହା ଉଚିତ୍ କି ସେ ମହିଳାମାନଙ୍କ ମନରେ ଉକ୍ତ କଥାକୁ ଆସନ୍ନିତ କରାଇ ଦେଉ ଯେ, ସେ ଏପରି କୌଣସି କାର୍ଯ୍ୟକୁ କଦାପି ପସନ୍ଦ ନକରୁ ଯାହାକି ଧର୍ମ ବିରୁଦ୍ଧୀୟ ହୋଇଥିବ । ତତ୍ସହିତ ମନୁଷ୍ୟ ଏପରି ଅନ୍ୟାୟୀ ଏବଂ ଏପରି ବୀର ଯୋଦ୍ଧା ନୁହଁ ଯେ, ସେ ମହିଳାର ଦୋଷତ୍ରୁଟିକୁ ବି ଅଣଦେଖା କରିପାରିବ । ଅର୍ଥାତ୍ ତା'ର ଦୋଷକୁ ଦେଖି ମଧ୍ୟ ସେ ଚକ୍ଷୁକୁ ବନ୍ଦ କରିପାରିବ ନାହିଁ ।**

ଆମମାନଙ୍କର ପ୍ରିୟ ମୁନିବ ହ. ମୁହମ୍ମଦ୍ ସ.ଅ କହିଛନ୍ତି ଯେ, خَیۡرُکُمۡ خَیۡرُکُمۡ لِاَھۡلِہٖ ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ ସର୍ବୋତ୍କୃଷ୍ଟ ବକ୍ତି ହେଉଛି ସେହି ବ୍ୟକ୍ତି ଯିଏ ନିଜ ପରିବାର ଅର୍ଥାତ୍ ନିଜ ପତ୍ନି ପ୍ରତି ସଦ୍ବ୍ୟବହାର ପ୍ରଦର୍ଶନ କରିଥାଏ । ଯେଉଁ ପୁରୁଷର ନିଜ ପତ୍ନି ପ୍ରତି ସଦ୍ବ୍ୟବହାର ପ୍ରଦର୍ଶନ ଓ ଚାଲି ଚଳନ ଉତ୍ତମ ନୁହେଁ ତେବେ ସେହି ବ୍ୟକ୍ତି କିପରି ପୁଣ୍ୟବାନ୍ ହୋଇ ପାରିବ ? ସେହି ବ୍ୟକ୍ତି ଯେତେବେଳେ ନିଜର ପତ୍ନି ସହିତ ସଦ୍ବ୍ୟବହାର ପ୍ରଦର୍ଶନ କରିବ ସେତେବେଳେ ଯାଇ ସେ ଅନ୍ୟମାନଙ୍କ ସହିତ ପୁଣ୍ୟ ଏବଂ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିପାରିବ। ପ୍ରକୃତ ପୁଣ୍ୟବାନ୍ ବ୍ୟକ୍ତି ବା ସ୍ୱାମୀ ସେହି ବ୍ୟକ୍ତି ନୁହଁ ଯିଏ ନିଜର ପତ୍ନିକୁ ପ୍ରତ୍ୟେକ ସମାନ୍ୟ କଥାରେ ଗାଳି ଗୁଲଚ ଏବଂ ମାଡ଼ପିଟ କରିବ । ଏପରି ଘଟଣା ମଧ୍ୟ ହୋଇଥାଏ ଯେ, ବେଳେବେଳେ ସ୍ୱାମୀ କ୍ରୋଧାନ୍ଧ ହୋଇ ସାମାନ୍ୟ କଥାରେ ପତ୍ନି ଠାରୁ ରୁଷ୍ଟ ହୋଇ ତା'କୁ ମାଡ଼ ମାରିଥାଏ ।

ସେହିପରି ସେ ଏପରି ଏକ ସମ୍ବେଦନଶୀଳ ସ୍ଥାନରେ ପତ୍ନିକୁ ମାଡ ମାରି ଆଘାତ ଦିଏ ଯେ, ପତ୍ନୀର ମୃତ୍ୟୁ ଘଟିଥାଏ । ତେଣୁ ସେହିପରି ସ୍ୱାମୀ ଓ ସେହିଭଳି ପୁରୁଷମାନଙ୍କ ନିମନ୍ତେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ରେ ଏହା କହିଛନ୍ତି ଯେ, عَاشِرُوۡھُنَّ بِالۡمَعۡرُوۡفِ । ହଁ ଯଦି ପତ୍ନି କୌଣସି ଖରାପ ଏବଂ ଅଯଥା ବାଯ୍ୟ କାର୍ଯ୍ୟ କରେ ତେବେ ସେପରିପ୍ରେକ୍ଷୀରେ ତା'କୁ ସତର୍କ ଓ ସାବଧାନ କରିଦେବା ଆବଶ୍ୟକ ଅଟେ ।

ମନୁଷ୍ୟ ପକ୍ଷେ ଏହା ଉଚିତ୍ କି ସେ ମହିଳାମାନଙ୍କ ମନରେ ଉକ୍ତ କଥାକୁ ଆସନ୍ନିତ କରାଇଦେଉ ଯେ, ସେ ଏପରି କୌଣସି କାର୍ଯ୍ୟକୁ କଦାପି ପସନ୍ଦ କରିବ ନାହିଁ ଯାହାକି ଧର୍ମ ବିରୁଦ୍ଧୀୟ ହୋଇଥିବ। ତତ୍ସହିତ ମନୁଷ୍ୟ ଏପରି ଅନ୍ୟାୟୀ ଏବଂ ଏପରି ବୀର ଯୋଦ୍ଧା ନୁହଁ ଯେ, ସେ ମହିଳାର ଦୋଷତ୍ରୁଟିକୁ ବି ଅଣଦେଖା କରିପାରିବ । ଅର୍ଥାତ୍ ତା'ର ଦୋଷକୁ ଦେଖି ମଧ୍ୟ ସେ ଚକ୍ଷୁକୁ ବନ୍ଦ କରିପାରିବ ନାହିଁ ।

ସ୍ୱାମୀ ନିଜର ପତ୍ନି ନିମନ୍ତେ ଈଶ୍ୱରଙ୍କ ରୂପେ ପ୍ରକଟ ହୋଇଥିବା ଅସ୍ତିତ୍ୱ ଅଟେ । ହଦିସ୍ରେ ଏହା ବର୍ଣ୍ଣିତ ହୋଇଛି ଯେ, ଅଲ୍ଲାଃତାଲା ଯଦି ନିଜ ବ୍ୟତୀତ ଅନ୍ୟ କୌଣସି ଅସ୍ତିତ୍ୱକୁ ସିଜ୍ଦା କରିବା ନିମନ୍ତେ ଆଦେଶ ଦେଇଥାଆନ୍ତେ ତେବେ ନାରୀକୁ ନିଜର ସ୍ୱାମୀକୁ ସିଜ୍ଦା ଅର୍ଥାତ୍ ମୁଣ୍ଡିଆ ମାରିବା ପାଇଁ ଆଦେଶ ଦେଇଥାଆନ୍ତେ। ସୁତରାଂ ପୁରୁଷ ଅର୍ଥାତ୍ ସ୍ୱାମୀ ମଧ୍ୟରେ ପ୍ରତାପ, ତେଜ ଓ ସୁନ୍ଦର ଶୋଭା ବିଦ୍ୟମାନ ହେବା ଉଚିତ୍ । ସ୍ୱାମୀ ଯଦି ନିଜର ପତ୍ନିକୁ ଏହା କୁହେ କି ହେ ମୋର ପ୍ରିୟ ପତ୍ନି ! ତୁମେ ଏହି ଇଟାଗୁଡ଼ିକୁ ଏଠାରୁ ଉଠାଇ ଅନ୍ୟତ୍ର ରଖିଦିଅ। ତେବେ ସେପରିପ୍ରେକ୍ଷୀରେ ପତ୍ନିର କୌଣସି ଅଧିକାର ନାହିଁ ଯେ, ସେ ଅପତ୍ତି କରିବ । **(ମଲ୍ଫୁଜାତ୍, ଭାଗ-2, ପୃ-31, ସଂସ୍କରଣ ବର୍ଷ-2018 ମସିହା, କାଦିଆନ୍)** ☆--☆--☆

## ପବିତ୍ର କୁରଆନରେ ବର୍ଣ୍ଣିତ ଶବ୍ଦ ''ସିଜଦା'' ସଂପର୍କିତ ଜ୍ଞାତବ୍ୟ କଥା

ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ର ସୁରାଃ ବକ୍ରାହ୍ର ଆୟତ୍ ନଂ 35ରେ କୁହନ୍ତି: ''ଏବଂ ସେହି ସମୟକୁ ମଧ୍ୟ ସ୍ମରଣ କର ଯେତେବେଳେ ଆମ୍ଭେ (ଅଲ୍ଲାଃ) ଦେବଦୂତମାନଙ୍କୁ କହିଲୁ କି ତୁମେମାନେ ଆଦମଙ୍କ ଆଜ୍ଞାନୁବର୍ତ୍ତୀ ହୁଅ ସେତେବେଳେ ସେମାନେ ଆଜ୍ଞାନୁବର୍ତ୍ତୀ ହେଲେ କିନ୍ତୁ ଇବ୍ଲିସ୍ ହେଲା ନାହିଁ ଏବଂ ସେ ଅଗ୍ରାହ୍ୟ କଲା ତଥା ଅହଂକାର ପ୍ରଦର୍ଶନ କଲା ଏବଂ ସେ ପୂର୍ବରୁ ଅବିଶ୍ୱାସକାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା ।''

ଉପରୋକକ୍ତ ଆୟତ୍ରେ 'ସିଜଦା' ନାମକ ମୂଳ ସବ୍ଦଟି ପ୍ରୟୋଗ ହୋଇଛି ତାହା ଏକ ଆରବୀ ଶବ୍ଦ ଅଟେ । ଆରବୀ ଭାଷାରେ ସିଜଦାର ଅର୍ଥ ଭୂମି ଉପରେ ମଥା ରଖି ଅଲ୍ଲାଃତାଲଙ୍କୁ ପ୍ରଣିପାତ ଜଣାଇବା ବା ମୁଣ୍ଡିଆ ମାରିବାକୁ ବୁଝାଏ । ଏହାର ଅନ୍ୟତମ ଅର୍ଥ ଆଜ୍ଞାପାଳନ କରିବା । ଦେବଦୂତମାନଙ୍କୁ ହ. ଆଦମ୍

ଅ.ସଙ୍କ ସମ୍ମୁଖରେ ସିଜ୍ଦା କରିବାର ତାତ୍ପର୍ଯ୍ୟ ହେଉଛି ଆଦମ୍‌ଙ୍କ ଆଜ୍ଞାନୁବହ ହେବା। ଅନ୍ୟ ପକ୍ଷରେ ହ. ଆଦମ୍ ଅ.ସଙ୍କ ସୃଷ୍ଟି ଯୋଗୁଁ ଅଲ୍ଲାଃତାଲାଙ୍କୁ ସିଜ୍ଦା କରିବା ଲାଗି ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଯେହେତୁ ଅଲ୍ଲାଃତାଲା ଏକ ପରିପୂର୍ଣ୍ଣ ମାନବକୁ ସୃଷ୍ଟି କରିଥିଲେ । ଏଥିଯୋଗୁଁ ଅଲ୍ଲାଃଙ୍କ ମହିମାର ପରିପ୍ରକାଶ ନିମନ୍ତେ ତାହାଙ୍କ ସମ୍ମୁଖରେ ସିଜ୍ଦା କରିବାକୁ କୁହାଯାଇଥିଲା ।

ସେହିପରି ଇବ୍‌ଲିସ୍ ସେହି ବ୍ୟକ୍ତିକୁ କୁହାଯାଏ ଯିଏ ଅଲ୍ଲାଃତାଲାଙ୍କ କୃପାରୁ ନିରାଶ ହୋଇଯାଏ, ଯିଏ ପରୋପକାର କରିବାକୁ ଅନିଚ୍ଛୁକ, ଯିଏ ନିଜର ସମସ୍ୟା ସମାଧାନ କରିବାକୁ ଅସମର୍ଥ, ଯିଏ ସଫଳତାର ମାର୍ଗ ଦେଖିପାରେ ନାହିଁ, ଯାହାର ମନୋବଳ ଭାଙ୍ଗି ପଡ଼ିଥାଏ, ଯାହାର ଧୈର୍ଯ୍ୟଚ୍ୟୁତ ଘଟିଥାଏ, ଧୈର୍ଯ୍ୟହରା ଓ ଯିଏ ସର୍ବଦା ବିବ୍ରତ ରହିଥାଏ । ☆--☆--☆

**وَمِمَّا رَزَقْنٰهُمْ يُنْفِقُوْنَ ରେ ଉକ୍ତ ପ୍ରସଙ୍ଗ ପ୍ରତି ଧ୍ୟାନ ଆକର୍ଷଣ କରାଯାଇଛି ଯେ, ଜଣେ ବିଶ୍ୱାସକାରୀ ବ୍ୟକ୍ତିକୁ ଅଲ୍ଲାଃତାଲାଙ୍କ ପକ୍ଷରୁ ଯେଭଳି ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରାଯାଇଛି ଉକ୍ତ ବ୍ୟକ୍ତ ପକ୍ଷେ ଏହା ଅନିର୍ବାର୍ଯ୍ୟ କି ସେ ନିଜର ସକଳ ଶକ୍ତି ଓ ସାମର୍ଥ୍ୟକୁ ମାନବ ଜାତର ହିତ ଓ କଲ୍ୟାଣ ସକାଶେ ବିନିଯୋଗ କରିଦେଉ । ମନୁଷ୍ୟ ଉକ୍ତ ପ୍ରସଙ୍ଗ ଉପରେ ଆନନ୍ଦିତ ନ ହୋଇଯାଉ ଯେ, ସେ ଟାଙ୍କା ଦେଇ ଦେଇଥିଲା, ନମାଜ ପାଠ କରି ନେଇଥିଲା କିମ୍ବା ରୋଜା ରଖି ନେଇଥିଲା ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ହଜ୍‌ର ଆୟତ୍ ସଂଖ୍ୟା 36 ଏ الَّذِيْنَ اِذَا ذُكِرَ اللّٰهُ وَجِلَتْ قُلُوْبُهُمْ وَالصّٰبِرِيْنَ عَلٰى مَاۤ اَصَابَهُمْ وَالْمُقِيْمِي الصَّلٰوةِ وَمِمَّا رَزَقْنٰهُمْ يُنْفِقُوْنَ ର ବ୍ୟାଖ୍ୟା କରି କୁହନ୍ତି: ଏଠାରେ وَمِمَّا رَزَقْنٰهُمْ يُنْفِقُوْنَ ରେ କେବଳ ଟଙ୍କା ପଇସା ଅନ୍ତର୍ଭୁକ୍ତ ନୁହେଁ । ଅର୍ଥାତ୍ ମନୁଷ୍ୟ କିଛି ଟଙ୍କା ପଇସା ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରି ନିଜକୁ କର୍ତ୍ତବ୍ୟ ସମ୍ପାଦନକାରୀ ବ୍ୟକ୍ତି ରୂପେ ପରିଗଣିତ କରିନେବ। ବରଂ وَمِمَّا رَزَقْنٰهُمْ يُنْفِقُوْنَ ରେ ତା'ର ଚକ୍ଷୁ ମଧ୍ୟ ଅନ୍ତର୍ଭୁକ୍ତ ଅଟେ । ତା'ର ନାସା (ନାକ) ମଧ୍ୟ ଅନ୍ତର୍ଭୁକ୍ତ ଅଟେ, ତା'ର ହସ୍ତ ଏବଂ ପାଦ ଅନ୍ତର୍ଭୁକ୍ତ ମଧ୍ୟ ଅଟେ, ତା'ର ଶରୀର ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି । ପୁନଶ୍ଚ وَمِمَّا رَزَقْنٰهُمْ يُنْفِقُوْنَ ରେ ତା'ର ନିବାସ ସ୍ଥାନ ମଧ୍ୟ ଅନ୍ତର୍ଭୁକ୍ତ ଅଟେ । ମନୁଷ୍ୟ ଯେଉଁ ଗହମକୁ ବ୍ୟବହାର କରେ ସେହି ଗହମ ମଧ୍ୟ ତହିଁରେ ଅନ୍ତର୍ଭୁକ୍ତ ଅଟେ। ଚାଷୀ ଯେଉଁ ଗାଜର, ମୂଳା ଏବଂ ଆଖୁ ଇତ୍ୟାଦି ଚାଷ କରିଥାଏ ତାହା ମଧ୍ୟ ତହିଁରେ ଅନ୍ତର୍ଭୁକ୍ତ । ତହିଁରେ କୌଣସି ସଂଶୟ ନାହିଁ ଯେ, ଟଙ୍କା ପଇସା ଖର୍ଚ୍ଚ କରି ଜଣେ ବ୍ୟକ୍ତି ଆର୍ଥିକ ବଳିଦାନକାରୀ ବୋଲି ବିବେଚିତ ହୋଇପାରିବ । କିନ୍ତୁ ଧର୍ମବିଧାନ ବା ଧର୍ମ କେବଳ ଆର୍ଥିକ ବଳିଦାନ କରିବାକୁ ଆଦେଶ ଦିଏ ନାହିଁ । ବରଂ ଧର୍ମ ଏହା କହେ କି ତୁମେମାନଙ୍କୁ ଯାହା କିଛି ପ୍ରଦାନ କରାଯାଇଛି ତହିଁରୁ ଅର୍ଥାତ୍ ସେହି ଅର୍ଥରୁ ତୁମେମାନେ ଏକ ଭାଗ ଈଶ୍ୱରଙ୍କ ମାର୍ଗରେ ବ୍ୟୟ କର। ଅତଏବ୍ ଯଦି କୌଣସି ବ୍ୟକ୍ତି ନିଜର ସମସ୍ତ ସମ୍ପତ୍ତି ମଧ୍ୟ ଚାନ୍ଦାରେ ଦେଇ ଦିଏ କିନ୍ତୁ ସେହି ବ୍ୟକ୍ତିର ଚକ୍ଷୁ ଈଶ୍ୱରଙ୍କ ଭକ୍ତମାନଙ୍କର ସେବା କରିବାରେ ଅଂଶ ଗ୍ରହଣ କରେ ନାହିଁ । ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତିର ହସ୍ତ, ପାଦ, ଈଶ୍ୱରଙ୍କ ଭକ୍ତମାନଙ୍କର ସେବା କରିବାରେ ଅଂଶ ଗ୍ରହଣ କରେ ନାହିଁ ତେବେ ସେହି ବ୍ୟକ୍ତି ଏହା କହିପାରିବ ନାହିଁ ଯେ, ମୁଁ ସମଗ୍ର ସମ୍ପତ୍ତି ଦେଇ ନିଜର କର୍ତ୍ତବ୍ୟକୁ ସମ୍ପାଦନ କରିଦେଲି। ଏହି ବସ୍ତୁ ତାର୍କିକ ବୋଲି ବୋଲାଇବ କିନ୍ତୁ ଧର୍ମ ବୋଲାଇବ ନାହିଁ । ଧର୍ମର ଉକ୍ତ ଆବଶ୍ୟକତାକୁ ପୂର୍ଣ୍ଣ କରିବା ପାଇଁ ଏହା ଆବଶ୍ୟକ ହେବ ଯେ, ବ୍ୟକ୍ତି ନିଜର ସମଗ୍ର ଶରୀରରକୁ ଈଶ୍ୱରଙ୍କ ଭକ୍ତମାନଙ୍କ ସେବା କରିବା ନିମନ୍ତେ ବ୍ୟବହାର କରୁ। ହଦିସରେ ବର୍ଣ୍ଣିତ ହୋଇଛି ଯେ, ପ୍ରଳୟ ଦିବସ ଦିନ ଯେତେବେଳେ ସମସ୍ତେ ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥାପିତ କରା ହେବେ ତେବେ ପ୍ରଭୁ କେତେକ ଲୋକମାନଙ୍କୁ କହିବ ଯେ, ହେ ମୋର ଭକ୍ତଗଣ ! ମୁଁ ଭୋକିଲା ଥିଲି ତୁମେମାନେ ମୋତ ଆହାର ଖୁଆଇଲ । ମୁଁ ତୃଷାର୍ତ୍ତ (ଶୋଷିଲା) ଥିଲି ତୁମେମାନେ ମୋତେ ଜଳପାନ କରାଇଲ । ମୁଁ ଉଲଗ୍ନ ତଥା ନିର୍ବସ୍ତ୍ର ଥିଲି ତୁମେମାନେ ବସ୍ତ୍ର ପରିଧାନ କରାଇଲ । ମୁଁ ଅସୁସ୍ଥ ଥିଲି ତୁମେମାନେ ମୋର ରୋଗୀ ସେବା ଏବଂ ଚିକିତ୍ସା କଲ । ସୁତରାଂ ତୁମେମାନେ ଯାଅ ଓ ମୋ ବୈକୁଣ୍ଠରେ ପ୍ରବିଷ୍ଟ ହୋଇଯାଇ । ସେହି ଭକ୍ତମାନେ କହିବେ ଆମେମାନେ ହେ ଈଶ୍ୱର ! ଆମ୍ଭେ ତୁମ୍ଭ ନିକଟରେ କ୍ଷମା ପ୍ରାର୍ଥନା କରୁଛୁ ଆମମାନଙ୍କ ନିକଟରେ ସେତିକି ସାମର୍ଥ୍ୟ କାହିଁ ଯେ, ଆମେମାନେ ତୁମ୍ଭକୁ ଆହାର ଖୁଆଇ ପାରିବୁ କିମ୍ବା ଜଳ ପାନ କରାଇବୁ ତଥା ବସ୍ତ୍ର ପରିଧାନ କରାଇ ପାରିବୁ ଓ ତୁମ୍ଭର ରୋଗୀ ସେବା କରିପାରିବୁ ? ତୁମ୍ଭେ ତ' ଏହି ସମସ୍ତ ପ୍ରସଙ୍ଗରୁ ପବିତ୍ର ଅଟ । ଈଶ୍ୱର କହିବେ, ଏକଥା ସଠିକ୍ ଅଟେ । କିନ୍ତୁ ମୋର ତୁଚ୍ଛ ଭକ୍ତ ଯେତେବେଳେ ତୁମମାନଙ୍କ ନିକଟକୁ ଆସିଲା ସେତେବେଳେ ସେ ବୁଭୁକ୍ଷୁ ଅର୍ଥାତ ଭୋକିଲା ଥିଲା । ସେତେବେଳେ ତୁମେମାନେ ଯଦି ମୋର ସେହି ଭୋକିଲା ଭକ୍ତକୁ ଆହାର ଖୁଆଇ ଥାଆନ୍ତ ତେବେ ତୁମେମାନେ ମୋତେ ହିଁ ଆହାର ଖୁଆଇ ଥାଆନ୍ତ। ସେହିପରି ମୋର ଜଣେ ତୁଚ୍ଛ ଭକ୍ତ ତୁମ ନିକଟକୁ ଯେତେବେଳେ ଆସିଲା ସେତେବେଳେ ସେ ତୃଷାର୍ତ୍ତ (ଶୋଷିଲା ଥିଲା) ଥିଲା। ତୁମେମାନେ ସେତେବେଳେ ମୋର ସେହି ଭକ୍ତକୁ ଯଦି ଜଳପାନ କରାଇଥାଆନ୍ତ ତେବେ ତୁମେମାନେ ଜାଣି ନିଅନ୍ତ କି ତୁମେମାନେ ମୋତେ ହିଁ ଜଳପାନ କରାଇଲ। ସେହିପରି ତୁମେମାନେ ଯେତେବେଳେ ଏକ ଉଲଗ୍ନ ବା ନିର୍ବସ୍ତ୍ର ବ୍ୟକ୍ତିକୁ ଯେତେବେଳେ ବସ୍ତ୍ର ପରିଧାନ କରାଇଲ କିମ୍ବା ଏକ ଅସୁସ୍ଥ ରୋଗୀର ଚିକିତ୍ସା ବା ରୋଗୀ ସେବା କରିଥାଆନ୍ତ ସେତେବେଳେ ତୁମେମାନେ ମୋର ସେବା ଶୁଶ୍ରୁଷା କଲ । ତୁମେମାନେ କେବଳ ଜଣେ ଭକ୍ତକୁ ବସ୍ତ୍ର ପରିଧାନ କରାଇଲ ନାହିଁ ଓ ଜଣେ ରୋଗୀର ରୋଗୀ ସେବା ବା ଶୁଶ୍ରୁଷା କଲ ନାହିଁ । ବରଂ ବାସ୍ତବରେ ତୁମେମାନେ ମୋତେ ହିଁ ବସ୍ତ୍ର ପରିଧାନ କରାଇଲ ଓ ମୋର ସେବା ଶୁଶ୍ରୁଷା କଲ। ଅତଏବ ତୁମେମାନ ଯାଅ ଓ ମୋର ବୈକୁଣ୍ଠରେ ପ୍ରବିଷ୍ଟ ହୋଇଯାଅ । ସୁତରାଂ وَمِمَّا رَزَقْنٰهُمْ يُنْفِقُوْنَ ରେ ଉକ୍ତ ପ୍ରସଙ୍ଗ ଆଡ଼କୁ ଧ୍ୟାନ ଆକର୍ଷଣ କରାଯାଇଛି ଯେ, ଜଣେ ବିଶ୍ୱାସକାରୀ ବ୍ୟକ୍ତିକୁ ଅଲ୍ଲାଃତାଲାଙ୍କ ପକ୍ଷରୁ ଯେଭଳି ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରାଯାଇଛି ସେହି ଉପରେ ଏହା ଅନିର୍ବାର୍ଯ୍ୟ କି ସେ ନିଜର ସକଳ ଶକ୍ତିକୁ ମାନବଜିତର ହିତ ଓ କଲ୍ୟାଣ ସକାଶେ ବିନିଯୋଗ କରିଦେଉ । ମନୁଷ୍ୟ ଉକ୍ତ ପ୍ରସଙ୍ଗ ଉପରେ ଆନନ୍ଦିତ ନହୋଇଯାଉ ଯେ, ସେ ଟାଙ୍କା ଦେଇ ଦେଇଥିଲା, ନମାଜ ପାଠ କରିନେଇଥିଲା କିମ୍ବା ରୋଜା ରଖି ନେଇଥିଲା । ଦେଖ ଏକଦା ରସୁଲ୍ କରୀମ୍ ସ.ଅ ଯେତେବେଳେ ସାହାବାମାନଙ୍କୁ ଆର୍ଥିକ ବଳିଦାନ ଦେବା ନିମନ୍ତେ ଆହ୍ୱାନ ଦେଲେ ସେତେବେଳେ ଜଣେ ସାହାବି ଯାହାଙ୍କ ନିକଟରେ କିଛି ନଥିଲା କିନ୍ତୁ ସେ ଦୁଇ ମୁଠା ଯଅ ଆଣିଲେ ଏବଂ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥାପିତ କରିଦେଲେ । କପଟ ବିଶ୍ୱାସୀମାନେ ଉକ୍ତ କଥାକୁ ଦେଖିଲ ପରିହାସ ଏବଂ ତାଚ୍ଛଲ୍ୟ କରି କହିଲେ, ଆରେ ଦେଖରେ ! ଏଥର ସଂସାର ଏହି ଦୁଇ ମୁଠା ଯଅ ଦ୍ୱାରା ଜୟଯୁକ୍ତ ହେବ। କିନ୍ତୁ ସେମାନଙ୍କ ଚକ୍ଷୁ ଯଦି ଉନ୍ମୁକ୍ତ ହୋଇଥାଆନ୍ତା ତେବେ ସେମାନେ ଏହା ଜାଣି ନେଇଥାଆନ୍ତେ ଯେ, ଏହା କେବଳ ଦୁଇ ମୁଠା ଯଅ ନଥିଲା ବରଂ ଇସଲାମ୍ ଧର୍ମର ଆନ୍ତରୀକତା ତଥା ପ୍ରେମ ସକାଶେ ଅଧୀର ହୋଇପଡ଼ିଥିବା ଜଣେ ବ୍ୟକ୍ତିର ହୃଦୟରେ ଥିବା ଦୁଇଟି ରକ୍ତ ବୁନ୍ଦା ଥିଲା । ଉକ୍ତ ଦୁଇ ବୁନ୍ଦା ରକ୍ତ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥାପିତ କରାଗଲା ଏବଂ ସଂସାର ହୃଦୟର ରକ୍ତ ଦ୍ୱାରା ଜୟଲାଭ ହୋଇଥାଏ । ନା କି ସଂସାରର ଜିନିଷପତ୍ର ଓ ବସ୍ତୁ ଦ୍ୱାରା ହୃଦୟ ଜୟଯୁକ୍ତ ହୋଇଥାଏ । ସୁତରାଂ ପୂର୍ଣ୍ଣ ବିଶ୍ୱାସର ଲକ୍ଷଣ ଏହିକି ଯେ, ତୁମେମାନେ ନିଜ ଘରେ ଯାହା କିଛି ସେବନ କର, ଯାହା କିଛି ଅର୍ଥ ଉପାର୍ଜନ କର, ଯେଉଁସବୁ ବସ୍ତ୍ର ପରିଧାନ କର, ଯାହା କିଛି ବ୍ୟୟ କର ତା'ର ଏକ ଭାଗ ଈଶ୍ୱରଙ୍କ ମାର୍ଗରେ ମଧ୍ୟ ପ୍ରଦାନ କର । ସେହିପରି ନିଜର ସକଳ ଶକ୍ତି ତଥା ଉଦ୍ୟମକୁ ମାନବ ଜାତିର କଲ୍ୟାଣ ଓ ହିତ ନିମନ୍ତେ ମଧ୍ୟ ବିନିଯୋଗ କର । **(ତଫ୍‌ସିର୍ କବିର୍ ଭାଗ-6, ପୃ-52, ପ୍ରକାଶନ ସ୍ଥାନ-କାଦିଆନ, 2010 ମସିହା)**

☆--☆--☆

**ବିଗତ ସଂଖ୍ୟା-36ରେ ବର୍ଣ୍ଣିତ ଖୁତବା ଜୁମା -12-2023 15 ର ଅବଶିଷ୍ଟାଂଶ.....**

ପ୍ରକାଶ୍ୟ ରୂପେ ଦେଖିବାକୁ ଗଲେ ଅବିଶ୍ୱାସକାରୀଙ୍କ ତୁଳାନାରେ ମୁସଲମାନମାନଙ୍କର ସଂଖ୍ୟା ଓ ସ୍ଥାନ ଅତ୍ୟନ୍ତ ଦୁର୍ବଳ ଓ ନଗଣ୍ୟ ରହିଥିଲା । ସଂଖ୍ୟା ଦୃଷ୍ଟିରୁ ସ୍ୱଳ୍ପ, ଜିନିଷପତ୍ର ଦୃଷ୍ଟିରୁ ମଧ୍ୟ ଦୁର୍ବଳ ଓ ଅସ୍ତ୍ରଶସ୍ତ୍ର ଦୃଷ୍ଟିରୁ ମଧ୍ୟ ସ୍ୱଳ୍ପ ଓ ଦୁର୍ବଳ । ଅସ୍ତ୍ରଶସ୍ତ୍ରର ଉତ୍ତମତା ଏବଂ ଉତ୍କୃଷ୍ଟତା ଦୃଷ୍ଟିରୁ ମଧ୍ୟ ଉଭୟ ପକ୍ଷଙ୍କ ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ ରହିଥିଲା । ସଂଖ୍ୟା ଦୃଷ୍ଟିରୁ ଗୋଟିଏ ମୁସଲମାନ 4 ଜଣ ମୁସରିକିନ୍‌ଙ୍କ ବିପକ୍ଷରେ ଛିଡ଼ା ହୋଇଥିଲା । ସେହିପରି ଅବିଶ୍ୱାସକାରୀମାନଙ୍କ ସୈନ୍ୟରେ ଥିବା ଅଶ୍ୱାରୋହୀଙ୍କ ସୈନ୍ୟ ଟୁକୁଡ଼ି ଅସ୍ତ୍ରଶସ୍ତ୍ର ତୁଳନାରେ ଅଧିକ ବ୍ୟବସ୍ଥିତ ଓ ଅନନ୍ୟ ଥିଲେ । ଏହାର ବିପରୀତ ଇସଲାମୀୟ ସୈନ୍ୟର ଅନେକ ଯୁବକମାନଙ୍କ ନିକଟରେ କୌଣସି ଜିନିଷ ପତ୍ର ଓ ଯୁଦ୍ଧାସ୍ତ୍ର ନଥିଲା । ମୁସଲମାନ ସୈନ୍ୟବାହିନୀରେ କେବଳ 100 ଜଣ ଲୋକଙ୍କ ପାଖରେ ଲୌହ କବଚ ରହିଥିଲା । ଅପର ପକ୍ଷେ ମକ୍କାର ଅବିଶ୍ୱାସକାରୀମାନଙ୍କ ସୈନ୍ୟବାହିନୀଙ୍କ ସୈନିକଙ୍କ ନିକଟରେ 700 ଲୌହ କବଚ ରହିଥିଲା । ଉକ୍ତ ସଂଖ୍ୟାଟି ମଦିନାର ସମଗ୍ର ସୈନ୍ୟ ସଂଖ୍ୟା ସହିତ ସମକକ୍ଷ ଥିଲା । **(ଓହୋଦ୍ ଯୁଦ୍ଧ, ଲେଖକ- ମୁହମ୍ମଦ୍ ଅହେମଦ ବାଶମିଲ୍, ପୃ-103 ପ୍ରକାଶନ ସ୍ଥାନ, ନଫିସ୍ ଏକାଡ଼େମୀ, କରାଚୀ)**

ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ 10ଟି ଧାଡ଼ି କରିଥିଲେ । ଅପର ପକ୍ଷେ ଇସଲାମୀୟ ସୈନ୍ୟ ବାହିନୀର କେବଳ 2ଟି ଧାଡ଼ି ରହିଥିଲା ଏବଂ 50 ଜଣ ଧନୁର୍ଦ୍ଧର ଫାଟକସ୍ଥ ମାର୍ଗରେ ମୁତୟନ ହୋଇଥିଲେ । କିନ୍ତୁ ଯୁଦ୍ଧ ଭୂମିର ମୁଖ୍ୟ ଓ ସବୁଠୁ ମଜ୍‌ଭୁତ ସ୍ଥାନ ମୁସଲମାନମାନଙ୍କ ପାଖରେ ରହିଥିଲା। **(ଗଜ୍‌ୱାତ୍ ଓ ସରାୟା, ଲେଖକ- ମୁହମ୍ମଦ ଅଜହର୍ ଫରିଦ୍, ପୃ-174, ପ୍ରକାଶନ ସ୍ଥାନ- ଫରିଦ୍ ପ୍ରିଣ୍ଟିଂ ପ୍ରେସ୍ ସାହିୱାଲ୍)**

ଆଁହଜରତ ସ.ଅ ମଧ୍ୟବର୍ତ୍ତୀ ସୈନ୍ୟବାହିନୀ ଉପରେ ହ. ଜୁବୈର୍ ବିନ୍ ଅୱାମ୍ ର.ଅଙ୍କୁ ଓ ମୈସରାହ୍ (ବାମପାର୍ଶ୍ୱ) ସୈନ୍ୟ ଉପରେ ମୁନ୍‌ଜର୍ ବିନ୍ ଉମର୍ ଗୁନ୍‌ୱୀଙ୍କୁ ନିଯୁକ୍ତ କରିଥିଲେ । ଆପଣ ସ.ଅ କହିଲେ, ଅବଜ୍ଞାକାରୀଙ୍କ ଧ୍ୱଜା କିଏ ହାତରେ ଧରିଛି କହିଲ ? ଆପଣ ସ.ଅଙ୍କୁ ଉତ୍ତର ମିଳିଲା ତଲ୍‌ହା ବିନ୍ ଅବି ତଲ୍‌ହା । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, **(ଅବଶିଷ୍ଟାଂଶ.. ପୃ-10ରେ)**

## (ଖୁତ୍‌ବା ଜୁମା)

ଉକ୍ତ ଯୁଦ୍ଧରେ ମୁସଲମାନମାନଙ୍କୁ ବହୁତ କ୍ଷତି ସହ୍ୟ କରିବାକୁ ପଡ଼ିଥିଲା ଏବଂ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର.ଅଙ୍କ ସେନାପତିତ୍ୱର ତ୍ରୁଟି ଯୋଗୁଁ ଉକ୍ତ ବିପତ୍ତି ଆସିଥିଲା । କିନ୍ତୁ ପ୍ରଚୁର ଲାଭ ମଧ୍ୟ ପ୍ରାପ୍ତ ହେଲା । କପଟବିଶ୍ୱାସୀଙ୍କ କପଟତା ଏବଂ ଇହୁଦୀମାନଙ୍କର ବିଦ୍ୱେଷ ଓ ଶତ୍ରୁତା ସ୍ପଷ୍ଟ ରୂପେ ବାରି ହୋଇ ପଡ଼ିଲା । ପରିଶେଷରେ ନୈଷ୍ଠିକ ମୁସଲମାନମାନେ ଜୟଯୁକ୍ତ ହେଲେ । (ହ. ଖଲିଫତୁଲ୍ ମସିହ୍ ଅୱଲ୍)

---

ଆଁହଜରତ ସ.ଅଙ୍କ ତାଗିଗଦ୍‌ମୂଳକ ଆଦେଶ ସତ୍ତ୍ୱେ ଯେତେବେଳେ ପର୍ବତ ମଧ୍ୟରେ ଥିବା ଫାଟକସ୍ଥ ମାର୍ଗରେ ନିୟୋଜିତ ଅନେକ ସାହାବାମାନେ ଫାଟକ ମାର୍ଗଟିକୁ ଖାଲି ଛାଡ଼ିଦେଲେ ସେତେବେଳେ ଶତ୍ରୁପକ୍ଷ ଏହି ପାର୍ଶ୍ୱ ଦେଇ ଆକ୍ରମଣ କଲେ ଏବଂ ମୁସଲମାନମାନଙ୍କୁ ବହୁତ କ୍ଷତି ପହଞ୍ଚାଇଲେ । ସାହାବାମାନଙ୍କର ଉକ୍ତ ସାଂସାରିକ ପ୍ରାପ୍ତିର ଲାଳସା ଏବଂ ଫାଟକକୁ ଖାଲି ଛାଡ଼ିଦେବା ମନକୁ ଜମା ଯାଉ ନାହିଁ । ଅର୍ଥାତ୍ ସହଜରେ ଉକ୍ତ କଥା ଗ୍ରହଣ କରି ହେଉ ନାହିଁ ......... ସାହାବାମାନଙ୍କ ସଂପର୍କରେ ଏପରି କଥା କହିବା ଓ ଭାବିବା ମଧ୍ୟ ପାପ ଏବଂ ସେମାନଙ୍କ ମର୍ଯ୍ୟାଦା ବିରୁଦ୍ଧୀୟ ଉକ୍ତ କଥା କି ସେମାନେ ମାଲେ ଗନିମତ୍ ଗୋଟାଇବା ପାଇଁ ବ୍ୟସ୍ତ ଥିଲେ । ତେଣୁ ଉକ୍ତ ପ୍ରସଙ୍ଗ ସେମାନଙ୍କ ମର୍ଯ୍ୟାଦା ବିରୁଦ୍ଧୀୟ ଅଟେ ।

---

ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର.ଅଙ୍କ ଦୃଷ୍ଟି ଶେଷ ଦିବସ ଉପରେ ରହିଥିଲା । କାରଣ ଆପଣ ଆଁହଜରତ ସ.ଅଙ୍କ ପ୍ରସନ୍ନତା ସକାଶେ ସବୁଠୁ ବୃହତ୍ ବିଜୟର ଆଶାବାଦୀ ଥିଲେ । ସୁତରାଂ ସେ ଏହା ଚାହୁଁଥିଲେ କି ହ. ମୁହମ୍ମଦ ମୁସ୍ତଫା ସ.ଅ ଓ ଅଲ୍ଲାଃତାଲା ମୋ ଠାରୁ ପ୍ରସନ୍ନ ରୁହନ୍ତୁ । ଉକ୍ତ ସାମୟିକ ପ୍ରସଙ୍ଗଟି ଯାହାକି ପରିଦୃଶ୍ୟମାନ ହେଉଛି ତାହା ସଂପୂର୍ଣ୍ଣ ରୂପେ ନିରର୍ଥକ ଏବଂ ଅବାସ୍ତବ ଅଟେ । ପ୍ରକୃତରେ ତାଙ୍କର ଅଭିପ୍ରାୟ ପୁଣ୍ୟାର୍ଜନ ଓ ପ୍ରସନ୍ନତା ପ୍ରାପ୍ତି ଥିଲା ।

---

ସେତେବେଳେ ମୁସଲମାନମାନେ ଅବଚେତନାବସ୍ଥାରେ ମାଲେ ଗନିମତ୍ ଏକତ୍ରିତ କରିବା ଏବଂ ମୁସରିକିନ୍‌ମାନଙ୍କୁ ବନ୍ଦୀ କରିବାରେ ବ୍ୟସ୍ତ ଥିଲେ କି ସହସା ଅବିଶ୍ୱାସକାରୀମାନେ ଅଶ୍ୱାରୋହୀଙ୍କ ସୈନ୍ୟ ଟୁକୁଡ଼ିକୁ ଘେନି ସେମାନଙ୍କ କତିରେ (ନିକଟରେ) ପହଞ୍ଚିଗଲେ । ଆଁହଜରତ ସ.ଅଙ୍କୁ ଯେତେବେଳେ ହ. ହମ୍‌ଜା ର.ଅଙ୍କ ଶହୀଦ୍ ହେବାର ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ ଅତ୍ୟନ୍ତ ମର୍ମାହତ ହୋଇ ପଡ଼ିଲେ ଏବଂ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ତାଏଫ୍ ଯୁଦ୍ଧ ପରେ ହ. ହମ୍‌ଜା ର.ଅଙ୍କ ହତ୍ୟାକାରୀ ଯେତେବେଳେ ଆପଣ ସ.ଅଙ୍କ ସମ୍ମୁଖରେ ଉପସ୍ଥିତ ହେଲା ସେତେବେଳେ ଆପଣ ସ.ଅ ସେହି ହତ୍ୟାକାରୀକୁ କ୍ଷମା ପ୍ରଦାନ କରିଦେଇଥିଲେ । ଅଲ୍ଲାଃତାଲା ଅଗ୍ନିକୁ ଅବୈଧ ଅର୍ଥାତ୍ ବାରଣ କରିଦେଲେ ଯେ, ଅଗ୍ନି ହ. ହମ୍‌ଜା ର.ଅଙ୍କ ମୃତ ଶରୀରର ମାଂସକୁ ଆସ୍ୱାଦନ କରୁ ।

---

ଆପଣ ସ.ଅ କହିଲେ, ହ. ଜିବ୍ରାଇଲ୍ ଅ.ସ ଆସି ମୋତେ ଏହି ସୂଚନା ପ୍ରଦାନ କରିଛନ୍ତି ଯେ, ହ. ହମଜା ବିନ୍ ଅବ୍‌ଦୁଲ୍ ମୁତଲ୍ଲିବଙ୍କୁ ସପ୍ତମ ଆକାଶ ଲୋକରେ ସ୍ଥାନ ପ୍ରଦାନ କରାଯାଇଛି ଏବଂ ତାଙ୍କର ନାମକୁ ଅଲ୍ଲାଃତାଲ ବାର୍ତ୍ତାବହଙ୍କ ସିଂହ ବୋଲି ଉଲ୍ଲେଖ ଏବଂ ଅଭିହିତ କରିଛନ୍ତି ।

**ଓହୋଦ୍ ଯୁଦ୍ଧ ସମୟରେ ଶହୀଦ୍‌ଙ୍କ ଅଧିପତି ହ. ହମ୍‌ଜା ର.ଅଙ୍କ ଶାହାଦତ୍, ସେହିପରି ଅନ୍ୟାନ୍ୟ ସମ୍ମୁଖୀନ ହୋଇଥିବା ଘଟଣାବଳୀର ଚର୍ଚ୍ଚା । ନିଷ୍କେଷିତ ପାଲେଷ୍ଟାଇନବାସୀମାନଙ୍କ ନିମନ୍ତେ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ବରାମ୍ବାର ଆହ୍ୱାନ ।**

ହୁଜୁର ଅନ୍‌ୱର୍ ଅ.ବଙ୍କ କହିଲେ, ଅଲ୍ଲାଃତାଲା ମୁସଲମାନ ରାଷ୍ଟ୍ରମାନଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । କାରଣ ସେମାନେ ନିଜର ସ୍ୱରକୁ ଉଚ୍ଚ କରନ୍ତୁ ଓ ପ୍ରକୃତ ରୂପେ ଏକ ହୋଇ ସେହି ଅତ୍ୟାଚାର ବିରୁଦ୍ଧରେ ସ୍ୱରୋତ୍ତୋଳନ କରନ୍ତୁ ଏବଂ ଉକ୍ତ ଅତ୍ୟାଚାରକୁ ସମାପ୍ତ କରିବା ନିମନ୍ତେ ଉଦ୍ୟମ କରନ୍ତୁ । **ଆମିନ୍ ।**

---

ଖୁତ୍‌ବା ଅନ୍ତେ ହୁଜୁର ଅନ୍‌ୱର୍ ଅ.ବ ଗାଜାର ଶହୀଦ୍ ସମ୍ମାନନୀୟ ସ୍ୱର୍ଗତ ଶେଖ୍ ଅହେମଦ ହୁସୈନ୍ ଅବୁ ସର୍ଦ୍ଦାନା ସାହେବଙ୍କର ଓ କେନିୟାର ସ୍ୱର୍ଗତ ଉସ୍‌ମାନ୍ ଅହେମଦ ଗୋନ୍ଦଲ୍ ସାହେବଙ୍କର ଉତ୍ତମ ଚର୍ଚ୍ଚା କଲେ ଏବଂ ନମାଜ ପରେ ସେମାନଙ୍କର ନମାଜ ଯନାଜାଃ ପାଠ କରିବାର ଘୋଷଣା କଲେ ।

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 22 DECEMBER 2023 ମସିହା ଅନୁଯାୟୀ ୨୨/ଫତହ୍ ୧୪୦୨ ହିଜ୍ରୀ ଶମ୍ସୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**
ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَ رَسُوْلُهُ. أَمَّا بَعْدُ فَأَعُوذُ بِاللهِ مِنَ الشَّيْطٰنِ الرَّجِيْمِ. بِسْمِ اللهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَ اِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ବିଗତ ଖୁତ୍‌ବା ଜୁମାରେ ଓହୋଦ୍ ଯୁଦ୍ଧ ସଂପର୍କରେ ଚର୍ଚ୍ଚା ଚାଲିଥିଲା । ଯେପରିକି ଚର୍ଚ୍ଚା ହୋଇଛି ଯେ, ମୁସଲମାନମାନେ ଉକ୍ତ ସାଧାରଣ ଯୁଦ୍ଧରେ ଅବିଶ୍ୱାସକାରୀଙ୍କୁ ପ୍ରଭୁତ କ୍ଷତି ପହଞ୍ଚାଇଥିଲେ । ଯଦ୍ଦ୍ୱାରାକି ସେମାନେ ପଳାୟନ କରିବାକୁ ବାଧ ହୋଇଥିଲେ। କିନ୍ତୁ ଆଁହଜରତ ସ.ଅଙ୍କ ତାଗିଗଦ୍‌ମୂଳକ ଆଦେଶ ସତ୍ତ୍ୱେ ଯେତେବେଳେ ପର୍ବତ ମଧ୍ୟରେ ଥିବା ଫାଟକସ୍ଥ ମାର୍ଗରେ ନିୟୋଜିତ ଅନେକ ସାହାବାମାନେ ମାର୍ଗଟିକୁ ଖାଲି ଛାଡ଼ିଦେଲେ ସେତେବେଳେ ଶତ୍ରୁପକ୍ଷ ଏହି ପାର୍ଶ୍ୱ ଦେଇ ଆକ୍ରମଣ କଲା ଏବଂ ମୁସଲମାନମାନଙ୍କୁ ବହୁତ କ୍ଷତି ପହଞ୍ଚାଇଥିଲା । ଉକ୍ତ ଘଟଣାର ବିସ୍ତୃତ ବିବରଣୀ ଏହିପରି ଯେ, ଅବିଶ୍ୱାସକାରୀମାନଙ୍କର ଧ୍ୱଜବାହକମାନେ ଯେତେବେଳେ ଗୋଟି ଗୋଟି କରି ନିହତ ହେଲେ ଏବଂ ଆଉ କେହି ବି ଧ୍ୱଜାକୁ ଉଠାଇଲା ନାହିଁ, ଧ୍ୱଜା ପାଖକୁ ଆସିବା ପାଇଁ ସାହାସ କରିପାରିଲା ନାହିଁ ସେତେବେଳେ ସହସା ଅବିଶ୍ୱାସକାରୀମାନେ ପରାଜିତ ହେବାକୁ ଲାଗିଲେ ଏବଂ ପିଠି ଦେଖାଇ ପଳାୟନ କରିବାକୁ ଲାଗିଲେ । ସେହି ଅବିଶ୍ୱାସକାରୀମାନଙ୍କର ପତ୍ନିମାନେ ଯେଉଁମାନେ କିଛି କ୍ଷଣ ପୂର୍ବେ ଆନନ୍ଦଦାୟକ କଣ୍ଠରେ ଏବଂ ଉତ୍ସାହପୂର୍ବକ ଢୋଲ ବଜାଇ ଗୀତ ଗାଉଥିଲେ ସେମାନେ ଢୋଲ, ବାଦ୍ୟ ଇତ୍ୟାଦି ଫିଙ୍ଗି ପର୍ବତ ଆଡ଼କୁ ପଳାୟନ କଲେ। ମୁସଲମାନମାନେ ଯେତେବେଳେ ସେମାନଙ୍କୁ ପଳାୟନ କରୁଥିବାର ଅବଲୋକନ କଲେ ସେତେବେଳେ ସେମାନେ ସେହି ଅବିଶ୍ୱାସକାରୀମାନଙ୍କର ପିଛା କରି ସେମାନଙ୍କର ଅସ୍ତ୍ରଶସ୍ତ୍ର ଛଡ଼ାଇନେବା ସହ ମାଲେ ଗନିମତ୍ (ଯୁଦ୍ଧଭୂମିରୁ ପ୍ରାପ୍ତ ଧନରତ୍ନ) ଏକତ୍ରିତ କରିବାକୁ ଲାଗିଲେ । ଠିକ୍ ସେତିକିବେଳେ ମୁସଲମାନମାନଙ୍କର ସେହି ସୈନ୍ୟ ଟୁକୁଡ଼ି ଯାହାକୁ ଆଁହଜରତ ସ.ଅ ପର୍ବତର ଫାଟକ ମାର୍ଗରେ ନିୟୋଜିତ କରି ଏହି ଆଦେଶ ଦେଇଥିଲେ କି କୌଣସି ପରିସ୍ଥିତିରେ ବି ସେମାନେ ନିଜ ସ୍ଥାନରୁ ହଟିବେ ନାହିଁ । କିନ୍ତୁ ସେହି ସୈନ୍ୟ ଟୁକୁଡ଼ି ଯେତେବେଳେ ମୁସଲମାନମାନଙ୍କୁ ମାଲେ ଗନିମତ୍ ଗୋଟାଉଥିବାର ଅବଲୋକନ କଲା ସେତେବେଳେ ସେହି ସୈନ୍ୟଟୁକୁଡ଼ି ଧନ ଏକତ୍ରିତ କରିବା ନିମନ୍ତେ ନିଜ ସ୍ଥାନ ଛାଡ଼ି ପଳାଇ ଆସିଲା ।

କୁହାଯାଏ ଯେ, ଆଁହଜରତ ସ.ଅଙ୍କ ପକ୍ଷରୁ ଉକ୍ତ ସୈନ୍ୟ ଟୁକୁଡ଼ିର ସନେପାତି ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର.ଅ ଥିଲେ । ସେ ସୈନ୍ୟମାନଙ୍କୁ କଠୋରତା ପୂର୍ବକ ମନା କଲେ କି ସେମାନଙ୍କୁ କୌଣସି ପରିସ୍ଥିତିରେ ମଧ୍ୟ ଉକ୍ତ ସ୍ଥାନରୁ ହଟିବା ଉଚିତ୍ ନୁହଁ । କିନ୍ତୁ ସେମାନେ ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ଏବଂ ଆଁହଜରତ ସ.ଅଙ୍କ

ଆଦେଶକୁ ଅଣଦେଖା ଓ ଅବମାନନା କଲେ ଏବଂ ସେମାନେ କହିଲେ ଆରେ ଅବିଶ୍ୱାସକାରୀମାନେ ତ' ପରାଜିତ ହୋଇ ସାରିଲେଣି, ଆଉ ଏଠାରେ ରହିକି କିଛି ଲାଭ ନାହିଁ । ଚାଲ ମାଲେ ଗନିମତ୍ ଗୋଟାଇବା । ସୁତରାଂ ସେମାନେ ମାଲେ ଗନିମତ୍ ଗୋଟାଇବାକୁ ଲାଗିଲେ । ଯଦିଓ ସେମାନଙ୍କ ମଧ୍ୟରୁ ଅନେକ ସିପାହୀମାନେ ନିଜର ସ୍ଥାନ ଛାଡ଼ି ସାରିଥିଲେ । କିନ୍ତୁ ତାଙ୍କର ସେନାପତି ହ. ଅବଦୁଲ୍ଲାଃ ବିନ୍ ଜୁବୈର୍ ର.ଅ ଓ ଅନ୍ୟ କେତେକ ସାହାବା ସାଥିମାନେ ନିଜ ସ୍ଥାନରେ ଅବିଚଳ ଥିଲେ । ସେହି ଫାଟକରେ ଥିବା ସାହାବାମାନଙ୍କ ସଂଖ୍ୟ କ୍ରମଶଃ ହ୍ରାସ ପାଇଲା। ସୁତରାଂ ହ. ଅବଦୁଲ୍ଲାଃ ବିନ୍ ଜୁବୈର୍ ର.ଅ ପର୍ବତ ତଳକୁ ଓହ୍ଲାଉଥିବା ସାଥି ସିପାହୀମାନଙ୍କୁ କହିଲେ, ହେ ସିପାହୀ ସାହାବାମାନେ ! ତୁମେମାନେ ଆଁହଜରତ ସ.ଅଙ୍କ ଆଦେଶକୁ ଅବମାନନା କରୁଛ ? ସେହି ସେନାପତି କହିଲେ, ଅର୍ଥାତ୍ ହ. ଅବଦୁଲ୍ଲାଃ ବିନ୍ ଜୁବୈର୍ ର.ଅ କହିଲେ, ମୁଁ କିନ୍ତୁ ଆପଣ ସ.ଅଙ୍କ ଆଦେଶକୁ କଦାପି ଅବମାନନା କରିବି ନାହିଁ ।

ଅନେକ ଇତିହାସବିତ୍‌ମାନେ, ଜିବନୀ ଲେଖାଳୀମାନେ ଫାଟକ ଛାଡ଼ିଥିବା ସାହାବାମାନଙ୍କର ଚର୍ଚ୍ଚା କରି ଏହା ବର୍ଣ୍ଣନା କରିଛନ୍ତି ଯେ, ସେହି ସାହାବାମାନେ ମାଲେ ଗନିମତ୍ ଗୋଟାଇବା ନିମନ୍ତେ ଅତ୍ୟନ୍ତ ବ୍ୟଗ୍ର ଓ ଉତ୍ସୁକ ଥିଲେ । ସେଇଥି ପାଇଁ ସେମାନେ ହଠ କରୁଥିଲେ କି ସମସ୍ତ ସାହାବାମାନେ ଯେତେବେଳେ ଅନ୍ୟ ସମସ୍ତ ଲୋକମାନେ ମାଲେ ଗନିମତ୍ ଲୁଣ୍ଠନ (ଏଠାରେ ଲୁଣ୍ଠନରୁ ଯଥାର୍ଥ ଗୋଟାଇବା ଅଟେ) କରୁଛନ୍ତି ତେବେ ଆମେମାନେ କାହିଁକି ପଛରେ ରହିବା ? କିନ୍ତୁ ଅପରପକ୍ଷେ ସେମାନଙ୍କର ଅମୀର ଅର୍ଥାତ୍ ସେନାପତି ହ. ଅବଦୁଲ୍ଲାଃ ବିନ୍ ଜୁବୈର୍ ର.ଅ ସେମାନଙ୍କୁ ଅଟକାଉଥିଲେ ଯେ, ଆରେ ନିଜ ସ୍ଥାନ ଛାଡ଼ି ଯାଅ ନାହିଁ ଆଁହଜରତ ସ.ଅ ଆମମାନଙ୍କୁ ନଯିବାକୁ ଆଦେଶ ଦେଇଛନ୍ତି । କିନ୍ତୁ ସେହି ଲୋକମାନଙ୍କ ମଧ୍ୟରୁ ଅନେକ ଲୋକମାନେ ଅମୀରଙ୍କ କଥା ସହିତ ଏକମତ ହେଲେ ନାହିଁ । ସେମାନେ ଅମୀର୍‌ଙ୍କ କଥାକୁ କର୍ଣ୍ଣପାତ କଲେ ନାହିଁ ଏବଂ ମାଲେ ଗନିମତ୍ ପ୍ରାପ୍ତ କରିବା ନିମନ୍ତେ ସେମାନେ ଫାଟକ ତଳକୁ ଓହ୍ଲାଇ ଗଲେ । ଅନେକ ଇତିହାସବିତ୍‌ମାନେ ଉକ୍ତ କଥା ଉଲ୍ଲେଖ କରିଛନ୍ତି ଏବଂ ହଦିସ୍‌ର ପୁସ୍ତକମାନଙ୍କ ମଧ୍ୟରେ ପ୍ରାୟତଃ ଏହି ଚର୍ଚ୍ଚା ମିଳେ ଯେ, ମାଲେ ଗନିମତ୍ ଶୀଘ୍ର ପ୍ରାପ୍ତି ଯୋଗୁଁ ସେମାନେ ନିଜ ନିଜ ସ୍ଥାନ ଛାଡ଼ି ଚାଲିଗଲେ ଏବଂ ଏଥି ସଂକ୍ରାନ୍ତରେ ସୁରାଃ ଆଲେ ଇମ୍ରାନର ଆୟତ୍ ନଂ153ରେ ଅଲ୍ଲାଃତାଲା କୁହନ୍ତି: مِنۡكُمۡ مَّنۡ يُّرِيۡدُ الدُّنۡيَا وَمِنۡكُمۡ مَّنۡ يُّرِيۡدُ الۡاٰخِرَةَ ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିମାନେ ଇହକାଳର ଅଭିଳାଷୀ ଥିଲେ ଅର୍ଥାତ୍ ଇହକାଳ ପ୍ରାପ୍ତ କରିବାକୁ ଚାହୁଁଥିଲେ ଏବଂ କେତେକ ବ୍ୟକ୍ତିମାନେ ପରକାଳ ଚାହିଁଥିଲେ । ଉକ୍ତ ଆୟତର ବ୍ୟାଖ୍ୟା କରି ଅନେକ ବ୍ୟାଖ୍ୟାକାରମାନେ ଏହା ହିଁ ଉଲ୍ଲେଖ କରିଛନ୍ତି ଯେ, ସାହାବାମାନେ ମାଲେ ଗନିମତ୍ ଶୀଘ୍ର ପ୍ରାପ୍ତି କରିବାକୁ ଚାହୁଁଥିଲେ । କିନ୍ତୁ ସାହାବାମାନଙ୍କ ସଂକ୍ରାନ୍ତରେ ଉକ୍ତ ସଂସାର ପ୍ରାପ୍ତିର ଅଭିଳାଷୀ ତଥା ଲାଳସା ସକାଶେ ପର୍ବତ ମଧ୍ୟସ୍ଥ ଫାଟକ ସ୍ଥାନଟକୁ ଛାଡ଼ି ପଳାଇ ଆସିବା କଥାଟି ଜମା ହୃଦୟ ସ୍ୱୀକାର କରିପାରୁ ନାହିଁ ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ସୁତରାଂ ଏସଂପର୍କରେ ହ.ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଏକ ବ୍ୟାଖ୍ୟାତ୍ମକ ଟୀପ୍ପଣୀ ଉଲ୍ଲେଖ କରିଥିଲେ । ଏହା ଏଯାବତ୍ ଅପ୍ରକାଶିତ ଅଟେ । ସେହି ଅପ୍ରକାଶିତ ଟୀପ୍ପଣୀକୁ ମୁଁ ଆଗକୁ ବ୍ୟାଖ୍ୟା କରି କହିବି । ସୁତରାଂ ମୁଁ କିଛି କହିବା ପୂର୍ବରୁ ଉକ୍ତ ଟୀପ୍ପଣୀକୁ ବ୍ୟାଖ୍ୟା କରିଦେଉଛି । ଅର୍ଥାତ୍ ଉପରୋକ୍ତରେ ପବିତ୍ର କୁରଆନ୍ କରୀମ୍‌ର ଯେଉଁ ଖଣ୍ଡାଂଶ ଆୟତଟି ବର୍ଣ୍ଣିତ ହୋଇଛି ସେହି ଆୟତର ସଂପୂର୍ଣ୍ଣ ଭାଗଟି ଏହିପରି ଅଟେ ଯେ, وَلَقَدۡ صَدَقَكُمُ اللّٰهُ وَعۡدَهٗۤ اِذۡ تَحُسُّوۡنَهُمۡ بِاِذۡنِهٖ ۚ حَتّٰۤى اِذَا فَشِلۡتُمۡ وَتَنَازَعۡتُمۡ فِى الۡاَمۡرِ وَعَصَيۡتُمۡ مِّنۡۢ بَعۡدِ مَاۤ اَرٰٮكُمۡ مَّا تُحِبُّوۡنَ ؕ مِنۡكُمۡ مَّنۡ يُّرِيۡدُ الدُّنۡيَا وَمِنۡكُمۡ مَّنۡ يُّرِيۡدُ الۡاٰخِرَةَ ۚ ثُمَّ صَرَفَكُمۡ عَنۡهُمۡ لِيَبۡتَلِيَكُمۡ ۚ وَلَقَدۡ عَفَا عَنۡكُمۡ ؕ وَاللّٰهُ ذُوۡ فَضۡلٍ عَلَى الۡمُؤۡمِنِيۡنَ (ଆଲେ ଇମ୍ରାନ୍: 153)ଏବଂ ଯେତେବେଳେ ତୁମେମାନେ ତାଙ୍କ ଅର୍ଥାଉ ଅଲ୍ଲାଃତାଲାଙ୍କ ଆଦେଶକ୍ରମେ ସେମାନଙ୍କୁ ଆକ୍ରମଣ କରି ବିନାଶ କରୁଥିଲ ସେତେବେଳେ ଅଲ୍ଲାଃତାଲା ତୁମମାନଙ୍କ ସମ୍ବନ୍ଧରେ ନିଶ୍ଚୟ ନିଜର ପ୍ରତିଶୃତି ରକ୍ଷା କରିଥିଲେ ଓ ହ. ମୁହମ୍ମଦ୍ ସ.ଅଙ୍କ ଆଦେଶ ସଂକ୍ରାନ୍ତରେ ପରସ୍ପର ମଧ୍ୟରେ ବିବାଦ କରିଥିଲେ ଏବଂ ତୁମେମାନେ ଯାହା ପସନ୍ଦ କରୁଥିଲ ତାହା ତୁମମାନଙ୍କୁ ଦେଖାଇବା ପରେ ମଧ୍ୟ ତୁମେମାନେ ଅବଜ୍ଞା କରିଥିଲ। ସେତେବେଳେ ଅଲ୍ଲାଃତାଲା ତାହାଙ୍କ ସାହାଯ୍ୟକୁ ପ୍ରତ୍ୟାହାର କରିନେଲେ । ତୁମମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିମାନେ ଇହକାଳର ଅଭିଳାଷୀ ଥିଲେ ଅର୍ଥାତ୍ ଇହକାଳ ପ୍ରାପ୍ତ କରିବାକୁ ଚାହୁଁଥିଲେ ଏବଂ ଆଉ କେତେକ ବ୍ୟକ୍ତିମାନେ ପରକାଳ ଚାହିଁଥିଲେ । ତତ୍ପରେ ସେ ତୁମମାନଙ୍କୁ ପରୀକ୍ଷା କରିବା ପାଇଁ ସେମାନଙ୍କ ଅର୍ଥାତ୍ ଶତ୍ରୁମାନଙ୍କ ଆକ୍ରମଣରୁ ରକ୍ଷା କରିଥିଲେ ଏବଂ ସେ ନିଶ୍ଚୟ ତୁମମାନଙ୍କ କ୍ଷମା କରିଅଛନ୍ତି ଏବଂ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କ ଉପରେ ଅତ୍ୟନ୍ତ କୃପାବତୀର୍ଣ୍ଣ କରନ୍ତି ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ ଏ ହେଉଛି ସେହି ଆୟତ୍ ଯେଉଁ ବ୍ୟାଖ୍ୟାରୁ ଏହା ଆକାଳନ କରାଯାଇପାରିବ ଯେ, ମାଲେ ଗନିମତ୍ କିମ୍ବା ସେହି ଯୁଦ୍ଧକୁ କେନ୍ଦ୍ର କରି ଉପରୋକ୍ତ ଆୟତଟି ବର୍ଣ୍ଣିତ ହୋଇଛି । ସୁତରାଂ ସାହାବାମାନଙ୍କ ସଂକ୍ରାନ୍ତରେ ଏହା କହିବା ଓ ଭାବିବା କି ସେମାନେ ମାଲେ ଗନିମତ୍ ପ୍ରାପ୍ତ କରିବାକୁ ବ୍ୟଗ୍ର ତଥା ଉଦ୍‌ଗ୍ରୀବ ଥିଲେ ଏହା ସେମାନଙ୍କ ମର୍ଯ୍ୟାଦା ବିରୁଦ୍ଧୀୟ ଅଟେ । ଏହି ଲୋକମାନେ ତ' ନିଜର ସ୍ତ୍ରୀ, ପିଲାଛୁଆ ଓ ନିଜର ପ୍ରାଣକୁ ନିଜର ପରମ ପ୍ରିୟ ଈଶ୍ୱର ତଥା ତାହାଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ ପାଦ ତଳେ ଉତ୍ସର୍ଗ କରି ସାରିଥିଲେ । ଏଥି ପୂର୍ବରୁ ସେମାନେ ନିଜର ଧନ ଓ ସାଧନ ମଧ୍ୟ ଉକ୍ତ ମାର୍ଗରେ ଉତ୍ସର୍ଗ କରି ସାରିଥିଲେ । ବୀରଗତି ପ୍ରାପ୍ତିର ଅଭିଳାଷୀ ହୋଇ ଏହି ଲୋକମାନେ ବାହାରକୁ ବାହାରି ଯୁଦ୍ଧ କରିବାକୁ ଚାହୁଁଥିଲେ ଏବଂ ଉକ୍ତ ଯୁଦ୍ଧ ମାଲେ ଗନିମତ୍ ପ୍ରାପ୍ତି ସକାଶେ ନଥିଲା । ଏହା ସେହି ସାହାବା ତଥା ସେହି ମୁସଲମାନମାନଙ୍କ ଉପରେ ଲାଞ୍ଛନ ଓ ଦୋଷାରୋପଣ ଅଟେ । ହଁ ବିଜୟ ସ୍ଥଳେ ବା ବିଜୟ ପରିପ୍ରେକ୍ଷୀରେ ମାଲେ ଗନିମତ୍ ପ୍ରାପ୍ତ ହୋଇଯିବା ବିଷୟାଗତ ପ୍ରସଙ୍ଗ ଅଟେ । କିନ୍ତୁ ଅଭିପ୍ରାୟ ଓ ଉଦ୍ଦେଶ୍ୟ ଧନ ପ୍ରାପ୍ତି କରିବା କଦାପି ହୋଇପାରି ନଥିଲା ।

ସେ ଯାହା ହେଉ ଇସ୍‌ଲାମୀୟ ଇତିହାସରେ ତଥା ସେହିପରି ଆଁହଜରତ ସ.ଅଙ୍କ ଜୀବନୀ ବର୍ଣ୍ଣନା କରି ଯେଉଁ ଇତିହାସବିତ୍‌ମାନେ, ଯେଉଁ ଜୀବନୀ ଲେଖାଳୀମାନେ ଅଟନ୍ତି ଅଥବା ଯେଉଁ ବିଦ୍ୱାନ୍ ମନୀଷୀ ଏବଂ ବ୍ୟାଖ୍ୟାକାରମାନେ ଅଛନ୍ତି ସେମାନଙ୍କୁ ଭ୍ରମ ଲାଗିଛି । ସେମାନେ କେବଳ କୌଣସି ବର୍ଣ୍ଣନାର ପ୍ରମାଣ ଏବଂ ସନନ୍ଦ ଇତ୍ୟାଦି ଉପରେ ଭରସା କରି ସେହି ଲୋକମାନେ ନିଜ ଜୀବନର ସରଳତାରେ ଅବା ଏହା ଉପରେ ବିଶ୍ୱାସ ରଖି ଏହା ମନେ କରିଥିବେ ଯେ, ଉକ୍ତ ବର୍ଣ୍ଣନାଟି ସଠିକ୍ ହେବ ତେଣୁ ସେମାନେ ଏହିପରି ବର୍ଣ୍ଣନା କରିଦେଇଛନ୍ତି ଯେ, ସାହାବାମାନେ ମାଲେ ଗନିମତ୍ (ଧନ ଲାଳସାରେ) ପର୍ବତ ତଳକୁ ଓହ୍ଲାଇ ଆସିଥିଲେ । ସେମାନଙ୍କୁ ଉକ୍ତ କଥାର ଅବବୋଧ ହେଲା ନାହିଁ ଯେ, ପରିଣାମ ଓ ପ୍ରଭାବ ଦୃଷ୍ଟିରୁ ଏହା କେତେ ବଡ଼ କ୍ଷତି ସାବ୍ୟସ୍ତ ହୋଇଯିବ । ସେହିପରି ସେହି ପ୍ରସଙ୍ଗ ଯାହା ଆଁହଜରତ ସ.ଅଙ୍କ କଲ୍ୟାଣମୟ ଅସ୍ତିତ୍ୱ ହେଉ ଅବା ଆପଣ ସ.ଅଙ୍କ ଈଶ୍ୱରଦତ୍ତ ଶକ୍ତିରୁ ଉପକୃତ ହୋଇଥିବା ସାହାବାମାନେ ହୁଅନ୍ତୁ, ତାହା ସେମାନଙ୍କ ମର୍ଯ୍ୟାଦାର ଯେତେବେଳେ ପରିପନ୍ଥୀ (ବିପରୀତ) ହୋଇପାରିବ । ସେ ଯାହା ହେଉ ସାହାବାମାନଙ୍କର ବଳିଦାନ ଏବଂ ସାହାବାମାନଙ୍କର ଉତ୍ସାହ ଓ ଆବେଗାତ୍ମକ ଶାହାଦତ୍‌କୁ ଦେଖି ଉକ୍ତ କଥାକୁ ବିଶ୍ୱାସ କରିବା କଷ୍ଟକର ଯେ, ସାହାବାମାନେ କେବଳ ମାଲେ ଗନିମତ୍ ପ୍ରାପ୍ତି କରିବା ସକାଶେ ସେହି ଫାଟକ ସ୍ଥାନକୁ ଛାଡ଼ିବା ନିମନ୍ତେ ଶୀଘ୍ରତା ପ୍ରଦର୍ଶନ କରୁଥିଲେ । ଏପରି ପ୍ରତିତ ହେଉଛି ଯେ, ଯେତେବେଳେ ସେହି ସାହାବାମାନେ ଏହା ଅବଲୋକନ କଲେ ଯେ, ମୁସଲମାନମାନେ ଜୟଯୁକ୍ତ ହୋଇସାରିଛନ୍ତି ଏବଂ ଶତ୍ରୁ ପକ୍ଷ ପଳାୟନ କରୁଛି ଏବଂ ମୁସଲମାନମାନ ସେମାନଙ୍କର ପିଛା କରୁଛନ୍ତି। ତେବେ ସେପରିପ୍ରେକ୍ଷୀରେ ଫାଟକସ୍ଥ ମାର୍ଗରେ ଉପସ୍ଥିତ ଥିବା ସାହାବାମାନେ ଉକ୍ତ ସ୍ପଷ୍ଟ ବିଜୟ ଉଲ୍ଲାସ ପର୍ବରେ ସାମିଲ୍ ହେବା ନିମନ୍ତେ ବ୍ୟଗ୍ର ହୋଇ ପଡ଼ିଲେ। ଯେଉଁ ଯୁଦ୍ଧଟି ବିଜୟରେ ସମାପ୍ତ ହୋଇଥିଲା ଏବଂ ଶେଷ ମୁହୂର୍ତ୍ତରେ ସାମିଲ୍ ହେବାର ଆକାଂକ୍ଷା ନେଇ ପର୍ବତର ଫାଟକରେ ଯେଉଁ ସାହାବାମାନେ ଜଗି ରହିଥିଲେ ସେହି ସାହାବାମାନେ ଉତ୍କଣ୍ଠିତ ହୋଇ ପଡ଼ିଥିଲେ ଯେ, ଆମେମାନେ ମଧ୍ୟ ଉକ୍ତ ଆନନ୍ଦ ଓ ଉଲ୍ଲାସ ପର୍ବରେ ସାମିଲ୍ ହୋଇଯିବୁ । ସମ୍ଭବତଃ ସେମାନେ ଏହା ବୁଝିଥିବେ ଯେ, ଆମମାନଙ୍କର ଅନ୍ୟ ଭାଇମାନେ ଜିହାଦ୍‌ରେ ସିଧା ସଳଖ ଅଂଶ ଗ୍ରହଣ କରୁଛନ୍ତି । ଆମେମାନେ ଏହି ପର୍ବତର ଫାଟକ ମାର୍ଗରେ ଛିଡ଼ା ହୋଇଛୁ । ଅତଏବ୍ ସେମାନଙ୍କ ମନରେ ଜିହାଦ୍‌ରେ ସାମିଲ୍ ହେବା ନିମନ୍ତେ ଯେଉଁ ଉତ୍ସାହ ଓ ଉନ୍ମାଦନା ସୃଷ୍ଟି ହେଲା କି ବର୍ତ୍ତମାନ ଆମମାନଙ୍କର ବିଜୟ ହୋଇ ସାରିଛି । ତେଣୁ ଆଜି ଦିନଟି ସମାପ୍ତ ହେବା ପୂର୍ବରୁ ଜିହାଦ୍‌ରେ ଆମେମାନେ ବ୍ୟବହାରୀକ ରୂପେ ସାମିଲ୍ ହୋଇଯିବୁ। ଅନ୍ତତଃ ସେହି ବିଜୟର ଉଲ୍ଲାସ ପର୍ବ ପାଳନ କରିବାକୁ ଟିକିଏ ସମୟ ଏବଂ ଅବସର ତ' ଆମକୁ ମିଳିଯିବ । କିନ୍ତୁ ସେମାନଙ୍କର ଅମୀର୍ (ସେନାପତି) ହ. ଅବଦୁଲ୍ଲାଃ ବିନ୍ ଜୁବୈର୍ ର.ଅ ଯେକି ଅଧିକ ନିପୁଣ ଓ ଚତୁର ସାବ୍ୟସ୍ତ ହୋଇଥିଲେ, ତାଙ୍କର ଦୃଷ୍ଟି ନବୀ କରୀମ୍ ସ.ଅଙ୍କ ଉକ୍ତ ଆଦେଶାବଳୀ ଉପରେ ରହିଥିଲା କି ଯାହା ବି ହୋଇଯାଉ ମୁଁ କିନ୍ତୁ ଏଠାରୁ ହଟିବି ନାହିଁ । ତାଙ୍କର ଏହି ନିଷ୍ପତ୍ତି ଥିଲା ଓ ଏହା ସଠିକ୍


**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ନିଷ୍ପତ୍ତି ଥିଲା କି ଯାହା ବି ହୋଇଯାଉ ଆମମାନଙ୍କୁ ଏଠାରୁ ହଟିବା ଉଚିତ୍ ନୁହଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ କିହିଥିଲି କି ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଅପ୍ରକାଶିତ ଟିପ୍ପଣୀରେ ଉକ୍ତ ଆୟତ୍‌ର କିଞ୍ଚିତ୍ ବ୍ୟାଖ୍ୟା ମଧ୍ୟ ମିଳେ । ତତ୍‌ସହିତ ଆପଣ ର.ଅ ଉଲ୍ଲେଖ କରିଛନ୍ତି ଯେ, مِنۡكُمۡ مَّنۡ يُّرِيۡدُ الدُّنۡيَا ଏଠାରେ ସଂସାରରୁ ଯଥାର୍ଥ ମାଲେ ଗନିମତ୍ ନୁହେଁ ବରଂ ସାଂସାରିକ ବସ୍ତୁ ଯଥାର୍ଥ ଅଟେ । ଶେଷ ଦିବସରୁ ଯଥାର୍ଥ ପରିଣାମ ଏବଂ ଶେଷ ଫଳାଫଳ ଅଟେ । ଏହା ବିଚାର କରିବା କି ସେମାନଙ୍କ ମନରେ ଏହି ବିଚାର ଆସିଥିଲା ଯେ, ଆମମାନଙ୍କୁ ମାଲେ ଗନିମତ୍ ପ୍ରାପ୍ତ ହେବ ନାହିଁ ଏହା ଘଟଣା ବିରୁଦ୍ଧୀୟ ଅଟେ । କାରଣ ବଦର୍ ଯୁଦ୍ଧରେ ତ' ସେହି ଲୋକମାନଙ୍କୁ ମାଲେ ଗନିମତ୍‌ରୁ ଅଂଶ ପ୍ରାପ୍ତ ହୋଇଥିଲା ଯେଉଁମାନେ କେତେକ ଅସୁବିଧା ଏବଂ ବାଧ୍ୟ ବାଧକତା ହେତୁ ଯୁଦ୍ଧରେ ସାମିଲ୍ ହୋଇପାରି ନଥିଲେ । ତେଣୁ ଏପରି ବିଚାର କରିବା ସଂପୂର୍ଣ୍ଣ ରୂପେ ଭିତ୍ତିହୀନ ଓ ଯୁକ୍ତିଯୁକ୍ତ ନୁହେଁ । ସୁତରାଂ ସାହାବାମାନଙ୍କ ସଂକ୍ରାନ୍ତରେ ମନ ଭିତରେ ସାଂସାରିକ ବିଚାରଧାରା ପୋଷଣ କରିବା ଆଦୌ ଉଚିତ୍ ନୁହଁ ।"

ଉପରୋକ୍ତ ଆଲେଖ୍ୟ ହ. ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରିଥିଲେ । ସୁତରାଂ ଆପଣ ର.ଅ ପୁନଶ୍ଚ କୁହନ୍ତି ଯେ, ପ୍ରକୃତ କଥା ଏହିକି ଯେ, ସେହି ସାହାବାମାନଙ୍କର ଏହି ଅଭିଳାଷା ଏବଂ ଆକାଂକ୍ଷା ଥିଲା କି ଆମେମାନେ ମଧ୍ୟ ଉକ୍ତ ଓହୋଦ୍ ଯୁଦ୍ଧରେ ସାମିଲ୍ ହେବୁ । ଏହା ମଧ୍ୟ ସଂସାରିକ ଚିନ୍ତାଧାରା ରହିଥିଲା କି ଆମେମାନେ ଉକ୍ତ ଯୁଦ୍ଧରେ ସାମିଲ୍ ହେବୁ ଓ ଅବିଶ୍ୱାସକାରୀମାନଙ୍କୁ ବଧ କରିବୁ । ଏଠାରେ ଲୁଟ୍‌ର ଧନରେ ସାମିଲ୍ ହେବା ଯଥାର୍ଥ ନୁହେଁ । ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ତୁମେମାନେ ଏହା ଭାବୁଥିଲ କି ସାହାବାମାନେ ଏହା ଭାବୁଥିଲେ କି ସେମାନେ ଯୁଦ୍ଧରେ ଅଂଶଗ୍ରହଣକାରୀଙ୍କ ଠାରୁ ପଛରେ ନରହି ଯାଆନ୍ତୁ । କିନ୍ତୁ ଏପରି ଧାରଣା ସାଂସାରିକ ଧାରଣା ଅଟେ । ସାଂସାରିକ ଧାରଣା ଏଇଥିପାଇଁ ଯେ, କେବଳ ଲଢିବା କୌଣସି ବଡ଼ କଥା ନୁହଁ । ଆଁହଜରତ ସ.ଅଙ୍କ ଆଦେଶ ପାଳନ ନକରିବା ସାଂସାରିକ ଧାରଣା ପାଲଟି ଯାଇଥାଏ । "ସେମାନଙ୍କୁ ତ' ଆଦେଶ ପାଳନ କରିବା ଉଚିତ୍ ଥିଲା । ବାସ୍ ସେତିକି ।" କାରଣ ଆଁହଜରତ ସ.ଅଙ୍କ ଆଦେଶ ପାଳନ କରିବା ହିଁ ପ୍ରକୃତ ଧର୍ମ ଅଟେ । ଧର୍ମ ସକାଶେ ଯଦି ଯୁଦ୍ଧ ହୁଏ ଓ ଆପଣ ସ.ଅ ଉକ୍ତ ଯୁଦ୍ଧରେ ଅଂଶ ଗ୍ରହଣ ନକରିବା ପାଇଁ ଆଦେଶ ଦେଇଛନ୍ତି ଓ ଅନ୍ୟତ୍ର ଡିଉଟି ଲଗାଇ ଦେଇଛନ୍ତି ତେବେ ଉକ୍ତ ଆଦେଶ ପାଳନ କରିବା ପ୍ରକୃତ ପକ୍ଷେ ଧର୍ମ ଅଟେ ନା କି ଯୁଦ୍ଧ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ପୁନଶ୍ଚ କୁହନ୍ତି وَمِنۡكُمۡ مَّنۡ يُّرِيۡدُ الۡاٰخِرَةَ ରେ ଅଲ୍ଲାଃତାଲା କୁହନ୍ତି ଯେ, ତୁମର ସେନାପତି ଓ ତା'ର ସାଥିମାନେ ତ' ଶେଷ ଦିବସକୁ ଚାହୁଁଥିଲେ । ସେମାନଙ୍କ ସମ୍ମୁଖରେ ପରିଣାମ ଓ ଫଳାଫଳ ଥିଲା । ସେମାନେ ଏହା ମନେକରୁଥିଲେ ଯେ, ମାଲେ ଗନିମତ୍ ପାଇଁ ଯଦି ଆମେମାନେ ତଳକୁ ଓହ୍ଲାଇଲୁ ତେବେ ଏହାର ପରିଣାମ ଭଲ ହେବ ନାହିଁ । ଅତି ଭୟଙ୍କର ହେବ। ସୁତରାଂ ସେହି ସେନାପତି ଅବମାନନାର କୁପରିଣାମକୁ ଦେଖୁଥିଲେ । ସେହିପରି ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ସାଥିମାନେ ମଧ୍ୟ ତାଙ୍କୁ ସତ୍ୟ ଉପରେ ଥିବା ବୋଲି ମନେକରୁଥିଲେ। ସେନାପତି ଓ ତାଙ୍କ ସହିତ ଏକମତ ଥିବା ଲୋକମାନଙ୍କ ଦୃଷ୍ଟି ଉକ୍ତ କଥାର ଶେଷ ପରିଣାମ ପର୍ଯ୍ୟନ୍ତ ପହଞ୍ଚିଥିଲା । ସେହି ସେନାପତି ଅର୍ଥାତ୍ ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର.ଅ ଆଁହଜରତ ସ.ଅଙ୍କ ଆଦେଶକୁ ଯୁଦ୍ଧରେ ସାମିଲ୍ ହେବା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରୁଥିଲେ । ତେଣୁ କଥାଟା ସ୍ୱଷ୍ଟ ହୋଇଗଲା । କିନ୍ତୁ ଏହାର ବିପରୀତ ସେହି ବ୍ୟାଖ୍ୟାକାରମାନଙ୍କର ଦୃଷ୍ଟି ପୃଷ୍ଠପଟରେ ଲାଖି ରହିଥିଲା । "ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: ସାହାବାମାନଙ୍କ ମର୍ଯ୍ୟାଦା ସପକ୍ଷରେ ଉକ୍ତ ଅର୍ଥ ସେମାନଙ୍କ ଅବସ୍ଥାନୁଯାୟୀ ଅଟେ । ଯାହାକି ସେମାନଙ୍କ କର୍ମ ଓ ସେମାନଙ୍କ ବଳିଦାନରୁ ପ୍ରକାଶିତ ହୋଇଥାଏ ।" **(ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଅପ୍ରକାଶିତ ନୋଟସ୍, ଆଲେ ଇମ୍ରାନ୍ ଆୟତ୍ ସଂଖ୍ୟା ଅନୁଯାୟୀ)**

ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ହ. ମୁସ୍‌ଲେହ୍ ମୁଦ୍ ର.ଅଙ୍କ ନୋଟ୍‌ସ୍‌ର ଚର୍ଚ୍ଚା କରି ଏହାର ସ୍ୱଷ୍ଟୀକରଣ ପ୍ରଦାନ କରିଛନ୍ତି ଯେ, ଅବିଶ୍ୱାସକାରୀଙ୍କ ସହିତ କଳହ କରୁଥିବା ସୈନ୍ୟମାନେ ଓ ସୈନ୍ୟବାହିନୀର ସେନାପତି ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର.ଅ ପରକାଳକୁ ଚାହୁଁଥିଲେ । ହ. ଖଲିଫତୁଲ୍ ମସିହ୍ ରାବେ ର.ଅ କୁହନ୍ତି ଯେ, ଉକ୍ତ ବିଷୟ ବସ୍ତୁକୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ନିଜର ନୋଟ୍‌ସ୍ (ଟିପ୍ପଣୀ) ମାନଙ୍କରେ ବର୍ଣ୍ଣନା କରିଛନ୍ତି ଏବଂ ଏକ ଉତ୍ତମ ବିନ୍ଦୁ ବର୍ଣ୍ଣନା କରିଛନ୍ତି । କାରଣ ଏଠାରେ ଲୋକମାନେ ସଂସାରରୁ ଯେଉଁ ଅର୍ଥ ଲୁଟ୍ ତରାଜ୍ ଏବଂ ମାଲେ ଗନିମତ୍ ଲୁଣ୍ଠନ କରିବା ଯଥାର୍ଥ ନେଇଛନ୍ତି, ଏହା ସଠିକ୍ ନୁହଁ । ସେମାନେ ସାମୟିକ ବିଜୟ ଆଡ଼କୁ ନଜର ରଖିଥିଲେ ଏବଂ ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର.ଅଙ୍କ ସଂସାରରୁ ଯଥାର୍ଥ ଏହା ରହିଥିଲା ଯେ, ସେହି ପ୍ରସଙ୍ଗ ଯାହାକି ପୂର୍ବେ ପ୍ରକାଶ୍ୟ ହୋଇ ସାରିଛି ତାଙ୍କର ଦୃଷ୍ଟି ତା'ରି ଉପରେ ଥିଲା । ଅର୍ଥାତ୍ ଯେଉଁ ଯୁଦ୍ଧକୁ ଜୟଯୁକ୍ତ କରି ନିଆଯାଇଥିଲା ସେହି ଯୁଦ୍ଧ ସଂପର୍କରେ ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର.ଅଙ୍କ ଦୃଷ୍ଟି ଶେଷ ଦିବସ ଉପରେ ଥିଲା । ସେ ଆଁହଜରତ ସ.ଅଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ପ୍ରାପ୍ତିରେ ହିଁ ସବୁଠୁ ବଡ଼ ବିଜୟକୁ ଉପଲବ୍ଧି କରୁଥିଲେ । ତେଣୁ ସେ ଏହା ଚାହୁଁଥିଲେ ଯେ, ହ. ମୁହମ୍ମଦ ସ.ଅ ତାଙ୍କ ଉପରେ ସନ୍ତୁଷ୍ଟ ଓ ପ୍ରସନ୍ନ ରୁହନ୍ତୁ। ସେହିପରି ଯେଉଁ ସାମୟିକ ବସ୍ତୁ ଦୃଶ୍ୟମାନ ହେଉଛି ତାହା ସଂପୂର୍ଣ୍ଣ ରୂପେ ଅବାସ୍ତବ ଅଟେ । ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର ର.ଅ ଅନ୍ୟ ସାଥିମାନଙ୍କୁ କହୁଥିଲେ, ଆଁହଜରତ ସ.ଅଙ୍କ ପ୍ରସନ୍ନତା ପ୍ରାପ୍ତି ହିଁ ଆମମାନଙ୍କର ପ୍ରକୃତ ଓ ପରମ ପୁଣ୍ୟ ଅଟେ ।

ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଆଗକୁ ବର୍ଣ୍ଣନା କଲେ ଯେ, ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ଉକ୍ତ ବିତର୍କଟି ସଂପୂର୍ଣ୍ଣ ରୂପେ ଭିତ୍ତିହୀନ ଅଟେ ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈରଙ୍କର ସାଥିମାନେ ସାଂସାରିକ ପ୍ରାପ୍ତିର ଅଭିଳାଷୀ ଥିଲେ । କିନ୍ତୁ ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର.ଅ ଶେଷ ଦିବସ ଅର୍ଥାତ୍ ପରବର୍ତ୍ତୀ ସଂସାର ଚାହୁଁଥିଲେ । ପରବର୍ତ୍ତୀ ସଂସାର ପ୍ରାପ୍ତିର ଅଭିଳାଷୀ ଥିଲେ । ବାସ୍ତବରେ ସେହି ସଂସାର କେତେ ବା ଥିଲା ତାହା ଅତ୍ୟନ୍ତ ବିଚିତ୍ର ଓ ଅଦ୍ଭୁତ କଥା ଦୃଶ୍ୟମାନ ହେଉଛି ଅର୍ଥାତ୍ ବିଚିତ୍ର ଓ ଅଦ୍ଭୂତ କଥା ଲାଗୁଛି । ହ. ମୁସ୍‌ଲେହ୍ ମଉଦ୍ ର.ଅ ପୁନଶ୍ଚ ବିସ୍ତୃତ ବିବରଣୀ ପ୍ରଦାନ କଲେ ଯେ, ଯେଉଁ ସାହାବାମାନେ ପର୍ବତ ମଧ୍ୟସ୍ଥ ଫାଟକ ମାର୍ଗର ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହୋଇଥିଲେ, ସେମାନେ ଯେତେବେଳେ ନିଜ ସ୍ଥାନ ଛାଡ଼ି ପଳାଇ ଆସିଥିଲେ ସେତେବେଳେ ସମସ୍ତେ ଜିନିଷ ତଥା ବସ୍ତୁ ବଣ୍ଟା ସରିଥିବ ଓ ଏହା ଭାବିବା କି ସେମାନେ ମାଲେ ଗନିମତ୍ ପ୍ରାପ୍ତ କରିବାକୁ ବ୍ୟଗ୍ର ଓ ଉତ୍ସୁକ ଥିଲେ। ଅର୍ଥାତ୍ ସେମାନେ ଏହା ଚାହୁଁଥିଲେ ଯେ, ଆମେମାନ ଶୀଘ୍ର ସେଠାରେ ପହଞ୍ଚି ସେମାନଙ୍କ ସହିତ ଅର୍ଥାତ୍ ମାଲେ ଗନିମତ୍ ପ୍ରାପ୍ତ କରୁଥିବା ମୁସଲମାନମାନଙ୍କ ସହିତ ସାମିଲ୍ ହୋଇଯିବୁ । ହୁଜୁର ର.ଅ କହିଲେ, ଇତିହାସବିତ୍ ଓ ଜୀବନୀ ଲେଖାଳୀମାନେ ଏହା କାହିଁକି ଭାବୁ ନାହାନ୍ତି ଯେ, ପବିତ୍ର କୁରଆନ୍ କରୀମ୍ ଏହା କହେ କି, ତୁମେମାନେ ନିଜ ଲୋକମାନଙ୍କ ଉପରେ ସୁଧାରଣା ପୋଷଣ କର। ତେଣୁ ସେମାନେ ଏହି ଧାରଣା ରଖି ତଳକୁ ଯାଇଥିଲେ ଯେ, ସମସ୍ତେ ବିଜୟ ଧ୍ୱନି ପ୍ରତିଧ୍ୱନିତ କରୁଛନ୍ତି, ଆନନ୍ଦିତ ହେଉଛନ୍ତି, ରସୁଲ୍ କରୀମ୍ ସ.ଅଙ୍କ ପାଖରେ ଛିଡ଼ା ହୋଇଛନ୍ତି, ପରସ୍ପରକୁ ଶୁଭେଚ୍ଛା ଜଣାଉଥିବେ । ତେଣୁ ଆମେମାନେ କାହିଁକି ଉକ୍ତ ଦୃଶ୍ୟ ଦେଖିବାରୁ ପଛରେ ରହିଯିବୁ ? ତେଣୁ ବେଳେବେଳେ ଏପରି ହୋଇଯାଇଥାଏ ଓ ଏହା ସ୍ୱଭାବିକ ଅଟେ । କାରଣ ଯେଉଁ ସ୍ଥାନରେ ଆନନ୍ଦ ଓ ଉଲ୍ଲାସ ପାଳନ କରାଯାଉଥିବ ସମସ୍ତେ ସେଠାକୁ ଦଉଡ଼ି ପହଞ୍ଚି ଯାଆନ୍ତି । ହ. ଖଲିଫତୁଲ୍ ମସିହ୍ ରାବେ ର.ଅ କୁହନ୍ତି, ଏଠାରେ ମଧ୍ୟ ଅବସ୍ଥାନ ସମୟରେ ଏହା ଦେଖିବାକୁ ମିଳିଥିଲା ଯେ, କୌଣସି ଭଲ ଖବର ଯଦି ଥାଏ ତେବେ ଲୋକମାନେ ମାଲେ ଗନିମତ୍ ଲୁଟିବାକୁ ଆସନ୍ତି ନାହିଁ । ଲୋକମାନେ ଆନନ୍ଦ ଉଲ୍ଲାସ ପର୍ବରେ ସାମିଲ୍ ହେବା ପାଇଁ ଆସିଥାଆନ୍ତି । ତେବେ ସେହି ସାହାବାମାନଙ୍କ କ୍ଷେତ୍ରରେ ଏବଂ ସେମାନଙ୍କ ମନରେ ଏହି ଧାରଣା ରହିଥିଲା ଏତେ ଆନନ୍ଦ ଲାଗୁଛି । ତେଣୁ ସେମାନେ ତଳେ ଦେଖିଲେ ଯେଉଁଠି ଆଁହଜରତ ସ.ଅ ଥିଲେ । ସମସ୍ତେ ଆଁହଜରତ ସ.ଅଙ୍କ ଆଖପାଖରେ ଛିଡ଼ା ହୋଇ ଆନନ୍ଦିତ ହେଉଛନ୍ତି । ଅଲ୍ଲାଃତାଲାଙ୍କ ନିଜର ପ୍ରତିଶ୍ରୁତି ବା ତାହାଙ୍କ ଅଙ୍ଗୀକାରକୁ ପୂର୍ଣ୍ଣ କରିଛନ୍ତି । ଆମେମାନେ ଏଠାରେ ଏକୁଟିଆ ଛିଡ଼ା ହୋଇ ଆଉ କ'ଣ ଅନେଇଛେ ? ଚାଲରେ ଆମେମାନେ ମଧ୍ୟ ସେଠାକୁ ଅର୍ଥାତ୍ ତଳକୁ ଓହ୍ଲାଇଯିବା । କିନ୍ତୁ ହ. ଅବ୍‌ଦୁଲ ବିନ୍ ଜୁବୈର୍ ର.ଅଙ୍କ ଦୃଷ୍ଟି ପରକାଳ ଉପରେ ରହିଥିଲା । ସେତେବେଳେ ହ. ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର.ଅ ସ୍ମିତହାସ୍ୟ ପ୍ରକାଶ କରି କହିଲେ, ଏହା କେଡ଼େ ଆନନ୍ଦଦାୟକ କଥା ଯେ, ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସକାଶେ ପୃଥକ୍ ହୋଇ ଏକ ପାର୍ଶ୍ୱ ହୋଇ ବସିଛୁ । ଆମମାନଙ୍କୁ ଯେଉଁ ଆଦେଶ ଦିଆଯାଇଛି ତାହାକୁ ପାଳନ କରିବା ଆମମାନଙ୍କ ପକ୍ଷେ ବିଧେୟ । ତେଣୁ ଆଦେଶ ପାଳନ କରିବାରେ ଯେଉଁ ପରମାନନ୍ଦ ରହିଛି ବାସ୍ତବରେ ତାହା ସେଠାକୁ ଯାଇ ମାଲେ ଗନିମତ୍ ପ୍ରାପ୍ତ କରି ପ୍ରାପ୍ତ ହେବ ନାହିଁ । ବରଂ ତାହା ଏହିଠାରେ ହିଁ ଆଦେଶ ପାଳନ କରିବା ଦ୍ୱାରା ହିଁ ପ୍ରାପ୍ତ ହେବ । **(ଦର୍ସୁଲ୍ କୁରଆନ୍-5, ରମ୍‌ଜାନୁଲ୍ ମୁବାରକ୍, 16 ଫେବୃୟାରୀ,-1994 ମସିହାରୁ ଉଦ୍ଧୃତ)**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ସେ ଯାହା ହେଉ ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ଯେତେବେଳେ ଅତ୍ୟନ୍ତ ଶୋଚନୀୟ ଭାବରେ ପରାଜିତ ହୋଇ ପଳାୟନ କରୁଥିଲା ଓ ଅନ୍ୟ ପଟରେ ପର୍ବତର ସେହି ଫାଟକ ମାର୍ଗରେ ମୁତୟନ ହୋଇଥିବା 50 ଜଣ ସୈନ୍ୟଙ୍କ ମଧ୍ୟରୁ ପାଖାପାଖି 40 ଜଣ ମୁଜାହିଦ୍ଦୀନ ସାହାବାମାନେ ଫାଟକ ସ୍ଥାନ ଛାଡ଼ି ତଳକୁ ଓହ୍ଲାଇ ଆସିଲେ । ତେବେ ସେତେବେଳେ ଖାଲିଦ୍ ବିନ୍ ୱଲିଦ୍ ଏହା ଅବଲୋକନ କଲା ଯେ, ସେହି ପର୍ବତସ୍ଥ ଫାଟକ ମାର୍ଗ ଯେଉଁଠି ଧନୁର୍ଦ୍ଧରମାନଙ୍କର ସୈନ୍ୟ ଟୁକୁଡ଼ି ମୁତୟନ ହୋଇଥିଲା ତାହା ସୈନ୍ୟ ଶୂନ୍ୟ (ଖାଲି) ହୋଇଯାଇଛି । କେବଳ କିଛି ଲୋକ ସେଠାରେ ରହିଯାଇଛନ୍ତି । ତେଣୁ ଖାଲିଦ୍ ବିନ୍ ୱଲିଦ୍ ସେତେବେଳ ପର୍ଯ୍ୟନ୍ତ ବିଶ୍ୱାସ ଆଣି ନଥିଲେ । ଏହା ଦେଖି ସେ ଇକ୍ରମା ବିନ୍ ଅବୁ ଜହଲ୍ ସହିତ ନିଜର ଅଶ୍ୱାରୋହୀ ସୈନ୍ୟମାନଙ୍କୁ ଧରି ଲେଉଟି ଆସିଲେ । ଖାଲିଦ୍ ବିନ୍ ୱଲିଦ୍ ପର୍ବତ ଠାରେ ପହଞ୍ଚିଲେ ଏବଂ ଧନୁର୍ଦ୍ଧମାନଙ୍କ ମଧ୍ୟରୁ ବଳକା ରହିଯାଇଥିବା କେତେକ ମୁସଲମାନ ସୈନ୍ୟମାନଙ୍କ ଉପରେ ଆକ୍ରମଣ କରିଦେଲେ । ଆକ୍ରମଣଟି ଏତେ ଭୟଙ୍କର ଥିଲା ଯେ, ଅବିଶ୍ୱାସକାରୀମାନେ ଓ ଖାଲିଦ୍ ବିନ୍ ୱଲିଦ୍ ସେହି ମୁସଲମାନ ସୈନ୍ୟ ବାହିନୀରେ କିଛି ବ୍ୟକ୍ତି ଏବଂ ହ. ଅବ୍ଦୁଲ୍ଲାଃ ବିନ୍ ଜୁବୈର୍ ର.ଅଙ୍କୁ ଶହୀଦ୍ କରିଦେଲ । କୁଫ୍ଫାର୍‌ମାନେ ହ. ଅବ୍ଦୁଲ୍ଲାଃ ବିନ୍ ଜୁବୈର୍ ର.ଅଙ୍କ ଶବର ମୁସ୍‌ଲା ଅର୍ଥାତ୍ ଶବର ଅଙ୍ଗ ପ୍ରତ୍ୟେଙ୍ଗକୁ ବୀପରୀତ ପାର୍ଶ୍ୱରୁ ଛେଦନ କରିବା ଅର୍ଥାତ୍ ବାମ ପାଦ ଓ ଦକ୍ଷିଣ ହସ୍ତ ବାମ କର୍ଣ୍ଣ ଓ ଦକ୍ଷିଣ ଚକ୍ଷୁ । ଅର୍ଥାତ୍ ସେମାନେ ଶରୀରର ଅନ୍ୟ ଅଙ୍ଗ ପ୍ରତ୍ୟଙ୍ଗକୁ ମଧ୍ୟ କାଟି ବିକୃତ କରି ପକାଇଥିଲେ । ଏତଦ୍‌ପରେ କୁରୈଶ୍‌ର ସେହି ସୈନ୍ୟବାହିନୀ ପର୍ବତ ତଳକୁ ଓହ୍ଲାଇ ହଠାତ୍ ମୁସଲମାନ ସୈନ୍ୟବିହିନୀକୁ ଘେରି ନେଲା ।

ମୁସଲମାନମାନେ ସେତେବେଳେ ଅବଚେତନ ଅବସ୍ଥାରେ ମାଲେ ଗନିମତ୍ ଗୋଟାଇବା ଏବଂ ଏକତ୍ରିତ କରିବାରେ ଓ ପ୍ରତିପକ୍ଷ ସୈନ୍ୟମାନଙ୍କୁ ବନ୍ଦୀ କରିବାରେ ବ୍ୟସ୍ତ ଥିଲେ କି ସହସା ଅବିଶ୍ୱାସକାରୀମାନଙ୍କର ଅଶ୍ୱବାହିନୀ ଦଉଡ଼ି ଆସି ସେମାନଙ୍କ ସମ୍ମୁଖରେ ପହଞ୍ଚିଗଲା । ଏହି ଲୋକମାନେ ଉଜ୍ଜା ଓ ହୁବୁଲର ହୁଲୁହୁଳି ଏବଂ ସ୍ଲୋଗାନ୍ ଦେଉଥିଲେ । ଏହି ସ୍ଲୋଗାନ୍ ୱହୋଦ୍ ଯୁଦ୍ଧର ଅବିଶ୍ୱାସକାରୀମାନଙ୍କର ପ୍ରଥା ଏବଂ ଶୈଳୀ ରହିଥିଲା । ସେମାନେ ମୁସଲମାନମାନଙ୍କ ନିକଟରେ ପହଞ୍ଚିବା ମାତ୍ରେ ଅବଚତନାବସ୍ଥାରେ ମୁସଲମାନମାନଙ୍କ କାନ୍ଧ ଉପରେ ଖଡ଼୍‌ଗ ରଖିଦେଲେ। ମୁସଲମାନମାନେ ସ୍ତବ୍ଧ ଓ ସ୍ତମ୍ଭୀଭୂତ ହୋଇଗଲେ । ଯିଏ ଯେଉଁଆଡ଼େ ପାଇଲା ସେହି ଆଡ଼େ ପଳାଇଲା । ମୁସଲମାନମାନେ ଯାହା କିଛି ମାଲେ ଗନିମତ୍ ଏକତ୍ରିତ କରିଥିଲେ ଏବଂ ଯେତେ ଜଣ କଏଦୀଙ୍କୁ ବନ୍ଦୀ କରିଥିଲେ ସେମାନଙ୍କୁ ଛାଡ଼ି ପ୍ରତ୍ୟେକ ଦିଗରେ କ୍ଷିପ୍ତ ବିକ୍ଷିପ୍ତ ହୋଇଲେ । ସୁତରାଂ ନା ମୁସଲମାନମାନଙ୍କର ଧାଡ଼ି ରହିଲା ଓ ନା ହିଁ ମୁସଲମାନ ସୈନ୍ୟବାହିନୀର କ୍ରମ ଓ ଶୃଙ୍ଖଳା ବଳବତ୍ତର ରହିଲା । କାହାରିକୁ କିଛି ସୂଚନା ନଥିଲା । ଅବିଶ୍ୱାସକାରୀଙ୍କ ଧ୍ୱଜା ସେତେବେଳ ଭୂପତିତ ହୋଇ ରହିଥିଲା । ଉକ୍ତ ନୂତନାବସ୍ଥାକୁ ଦେଖି ସହସା ଜନୈକା ମହିଳା ଯାହାର ନାମ ଉମ୍ରାହ୍ ବିନ୍ତ୍ ଅଲ୍‌କମା ଥିଲା ସେ ଉକ୍ତ ଭୂପତିତ ଧ୍ୱଜାକୁ ତଲୁ ଗୋଟାଇ ଧ୍ୱଜାକୁ ଉପରକୁ ଟେକିଲା ଓ ଅବିଶ୍ୱାସକାରୀମାନଙ୍କୁ ଉଚ୍ଚ ସ୍ୱରରେ ଡାକ ମାରିବାକୁ ଆରମ୍ଭ କଲା ଯେ, ଫେରି ଆସ ହେ କୁରୈଶ ସୈନ୍ୟ, ଫେରି ଆସ। ପଳାୟନ କରୁଥିବା କୁରୈଶ୍‌ର ସୈନ୍ୟବାହିନୀ ଯେତେବେଳେ ନିଜର ଧ୍ୱଜାକୁ ଉପରକୁ ଉଠୁଥିବାର ଦେଖିଲେ ସେତେବେଳେ ସେମାନେ ବୁଝିନେଲେ ଯେ, ଏଥର ଯୁଦ୍ଧ ପଶା ପାଲଟି ହୋଇଯାଇଛି । ସମସ୍ତେ ଲେଉଟି ଆସି ଧ୍ୱଜାର ଆଖପାଖରେ ଏକତ୍ରିତ ହୋଇଗଲେ । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-308, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ ବୈରୁତ୍)**

ଜଣେ ଲେଖକ ଉଲ୍ଲେଖ କରନ୍ତି ଯେ, କୁରୈଶ୍‌ର ଧୂଳି ଏବଂ ରକ୍ତରେ ଜୁଡ଼ବୁଡ଼ ଧ୍ୱଜାକୁ ଉମ୍ରାହ୍ ବିନ୍ତ୍ ଅଲ୍‌କମା ନାମକ ଜନୈକା ମହିଳା ଟେକି/ତୋଳି ଧରିଥିଲା। ସେ ଜୋରରେ ଧ୍ୱଜା ଫରଫର କରିବାକୁ ଲାଗିଲା ଏବଂ ଯୁଦ୍ଧ ଭୂମିରୁ ପଳାୟନ କରିଥିବା ସୈନ୍ୟମାନଙ୍କୁ ଅପନିନ୍ଦା ଓ ଭର୍ତ୍ସନା କରିବାକୁ ଲାଗିଲା । ସେ ମକ୍କାର ଅବିଶ୍ୱାସକାରୀମାନଙ୍କୁ ଫେରି ଆସିବାକୁ ଗୁହାରି କରୁଥିଲା । ଏହିପରି ଭାବରେ ପରାଜିତ ଅବିଶ୍ୱାସକାରୀଙ୍କ ସୈନ୍ୟବିହିନୀ ପୁନଃ ୱହୋଦ୍ ଯୁଦ୍ଧ ଭୂମିରେ ଏକତ୍ରିତ ହେବାକୁ ଲାଗିଲେ । ସେହି ଅବିଶ୍ୱାସକାରୀ ସୈନ୍ୟବାହିନୀ ମୁସଲମାନମାନଙ୍କୁ ସମ୍ମୁଖ ପାର୍ଶ୍ୱରୁ ଏବଂ ପଶ୍ଚାତ ଭାଗରୁ ଘେରି ନେଲେ । ମୁସଲମାନମାନେ ଅବଚେତନ ଯୋଗୁଁ ଧାଡ଼ି ଭାଙ୍ଗି ସାରିଥିଲେ । ସେଇଥିପାଇଁ ସେମାନଙ୍କର କୌଣସି କ୍ରମିକତା ନଥିଲା । **(ଦାଏରାହ୍ ମଆରିଫ, ସିରତ୍ ମୁହମ୍ମଦ ସ.ଅ, ବାଗ-6, ପୃ-486-487, ବଜ୍‌ମେ ଇକ୍‌ବାଲ୍, ଲାହୋର୍)**

ସେଦିନ ମୁସଲମାନମାନଙ୍କ ମଧ୍ୟରୁ ଅନେକ ମୁସଲମାନ ପ୍ରାଣ ହରାଇ ବୀରଗତି ପ୍ରାପ୍ତ କରିଥିଲେ । ପୂର୍ବେ ମୁସଲମାନମାନଙ୍କୁ ଯେଉଁ ବିଜୟ ପ୍ରାପ୍ତ ହୋଇଥିଲା ତାହା ବର୍ତ୍ତମାନ ପରାଜୟର ପରୀକ୍ଷାରେ ବଦଳିଗଲା । ସେତେବେଳର ପୃଷ୍ଠଭୂମିର ସଂପର୍କରେ ଉଲ୍ଲେଖ କରି ଜଣେ ଲେଖକ ଉଲ୍ଲେଖ କରନ୍ତି ଯେ, ମୁସଲମାନମାନେ ଧନୁର୍ଦ୍ଧରମାନଙ୍କର ତ୍ରୁଟି ପରେ ନିଜର ସଂଖ୍ୟାଗରିଷ୍ଠତାକୁ ହରାଇ ବସିଲେ ଏବଂ ସେମାନଙ୍କର ଧାଡ଼ି ବିକ୍ଷିପ୍ତ ହୋଇଗଲା । ମୁସଲମାନମାନେ ମାଲେଗନିମତ୍‌ଗୁଡ଼ିକୁ ସ୍ୱହସ୍ତରୁ ଫିଙ୍ଗିଦେଲେ ଏବଂ ସ୍ତବ୍ଧାବସ୍ଥାରେ ପରସ୍ପରକୁ ମାରିବାକୁ ଲାଗିଲେ ଏବଂ ତନ୍ମଧ୍ୟରୁ ଅନେକ ଲୋକମାନେ ଏଣେତେଣେ ବୁଲିବାକୁ ଲାଗିଲେ । ସେମାନଙ୍କୁ ଜଣା ନଥିଲା କି ସେମାନେ କେଉଁ ଆଡ଼େ ଯିବେ ? ବିଶେଷ କରି ଅବିଶ୍ୱାସକାରୀମାନଙ୍କର ଘୋଷଣା କରିବା ପରେ କି ମୁହମ୍ମଦ ସ.ଅ ନାଉଜୁବିଲ୍ଲାଃ ଶହୀଦ୍ ହୋଇଯାଇଛନ୍ତି। ଏହି ମହା ବିପତ୍ତି ତଥା ଏହା ସବୁଠୁ ବଡ଼ ଅଗ୍ନି ପରୀକ୍ଷା ଥିଲା। ଉକ୍ତ ପରୀକ୍ଷା ଏବଂ ଘଡ଼ିସନ୍ଧି ମୁହୂର୍ତ୍ତରେ ଅନେକ ମୁସଲମାନ ନିଜ ଭାଇମାନଙ୍କ ହସ୍ତ ଦ୍ୱାରା ଉଦ୍ଦେଶ୍ୟମୂଳକ ଭାବରେ ଶହୀଦ୍ ହୋଇ ଭୂମି ତଳେ ଟଳି ପଡ଼ିଲେ । ବେଳେବେଳେ ଭୁଲ ବଶତଃ ମୁସଲମାନ ମୁସଲମାନମାନଙ୍କୁ ହତ୍ୟା କରିଦେଲେ। ସମ୍ଭବତଃ ଶତ୍ରୁମାନଙ୍କର ଆଧିକ୍ୟତା ଏବଂ ଖାଲିଦ୍ ବିନ୍ ୱଲିଦ୍‌ଙ୍କ ପୁନଃ ନିଜକୁ ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ କରିନେଇଥିବା ଯୋଗୁଁ ଏପରି ଘଟଣା ଘଟିଥିଲା । ଏହା ହିଁ ମୁସଲମାନମାନଙ୍କର ସ୍ୱଳ୍ପ ସଂଖ୍ୟାକୁ ଧ୍ୱଂସ କରି ଦେଇଥିଲା ଏବଂ ସେମାନଙ୍କର ସର୍ବନାଶ କରିଥିଲା । **(ୱହୋଦ୍ ଯୁଦ୍ଧ, ଲେଖକ- ମୁହମ୍ମଦ୍ ଅହେମଦ ବାଶ୍‌ମିଲ୍, ପୃ-140-141, ନଫିସ୍ ଏକାଡ଼େମୀ କରାଚୀ, 1989 ମସିହା)**

କିନ୍ତୁ ସେ ଯାହା ହେଉ ହ. ହୁଜୈଫା ର.ଅଙ୍କ ପିତା ୟମାନ୍ ମୁସଲମାନମାନଙ୍କ ହାତରେ ଭୁଲ ବଶତଃ ଶହୀଦ୍ ହେବା ସଂକ୍ରାନ୍ତରେ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ସାହାବାମାନଙ୍କର ପରସ୍ପରକୁ ଶହୀଦ୍ କରିବାର ଉଦାହରଣ ମଧ୍ୟରୁ ହ. ହୁଜୈଫା ର.ଅଙ୍କ ପିତାଶ୍ରୀ ୟମାନ୍ ଅନ୍ୟତମ ବ୍ୟକ୍ତି ଥିଲେ । ହ. ୟମାନ୍ ର.ଅଙ୍କୁ ମୁସଲମାନମାନେ ଅଜ୍ଞାତ ଅବସ୍ଥାରେ ଶହୀଦ୍ କରି ଦେଇଥିଲେ । ଇବ୍‌ନେ ଇସ୍‌ହାକ୍ କୁହନ୍ତି, ଯେତେବେଳେ ରସୁଲ୍ କରୀମ୍ ସ.ଅ ୱହୋଦ୍ ଯୁଦ୍ଧ ନିମନ୍ତେ ପ୍ରସ୍ଥାନ କଲେ ସେତେବେଳେ ସାବିତ୍ ବିନ୍ କୈସ୍ ଓ ହୁସୈଲ୍ ବିନ୍ ଜାବିର୍ ଯାହାଙ୍କ ନାମ ୟମାନ୍ ଥିଲା ଓ ସେ ହୁଜୈଫା ବିନ୍ ୟମାନ୍‌ଙ୍କ ପିତାଶ୍ରୀ ଥିଲେ । ଦୁହେଁ ପ୍ରାପ୍ତ ବୟସ୍କ ବ୍ୟକ୍ତି ଥିଲେ ଏବଂ ସେମାନେ ସେହି ଦୁର୍ଗ ମଧ୍ୟରେ ଥିଲେ ଯେଉଁ ଦୁର୍ଗରେ ମୁସଲମାନମାନଙ୍କର ମହିଳା ଏବଂ ଛୋଟ ପିଲାମାନେ ନିରାପଦ ରହିବା ନିମନ୍ତେ ଆଶ୍ରୟ ନେଇଥିଲେ। ତନ୍ମଧ୍ୟରୁ ଜଣେ ଅନ୍ୟ ଜଣକୁ କହିଲା କି ତୁମେମାନେ କାହାର ଅପେକ୍ଷା କରୁଛ ? ଉଭୟ ବୃଦ୍ଧ ଦୁର୍ଗ ମଧ୍ୟରେ ବନ୍ଦ ଥିଲେ, ସେମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା କରିବାକୁ ଲାଗିଲେ ଯେ, ଆମେମାନେ ଆଉ କାହାକୁ ଅପେକ୍ଷା କରୁଛେ ? ଆମର ଆଉ ଅଧିକ ଆୟୁଷ ରହିଲା ନାହିଁ । ଆମେମାନେ ବୃଦ୍ଧାବସ୍ଥାରେ ଉପନୀତ ହୋଇ ସାରିଛୁ । ଆଜି ଯଦି ଆମେମାନେ ନମଲୁ ତେବେ କାଲି ତ' ଅବଶ୍ୟ ମରିବୁ । କ'ଣ ଆମେମାନେ ନିଜର ଖଡ଼୍‌ଗୋତ୍ତୋଳନ କରିବା ନାହିଁ ଏବଂ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଯାଇ ମିଶିଯିବୁ ନାହିଁ ? ସମ୍ଭବତଃ ଅଲ୍ଲାଃତାଲା ଆମମାନଙ୍କୁ ବୀରଗତି ପ୍ରଦାନ କରିଦେବେ । ପୁନଶ୍ଚ ଏହି ଦୁଇ ବୃଦ୍ଧ ଖଡ଼୍‌ଗ ଧରି ଅବିଶ୍ୱାସକାରୀଙ୍କ ସହିତ ଭିଡ଼ିଗଲେ ଏବଂ ଲୋକମାନଙ୍କ ସହିତ ଯାଇ ମିଶିଗଲେ । ଅର୍ଥାତ୍ ମୁସଲମାନମାନେ ଯେଉଁଠି ଥିଲେ ସେମାନଙ୍କ ସହିତ ଯାଇ ମିଶିଗଲେ । ମୁସଲମାନମାନେ ଏକଥା ଜାଣିଥିଲେ ଯେ, ଏମାନେ ଦୁହେଁ ବଦର୍ ଯୁଦ୍ଧରେ ସାମିଲ୍ ହୋଇ ନାହାନ୍ତି ଏବଂ ଏମାନେ ମଦିନାରେ ଉପସ୍ଥିତ ଅଛନ୍ତି । ବର୍ତ୍ତମାନେ ଏମାନେ ଯୁଦ୍ଧଭୂମିରେ ଅବତୀର୍ଣ୍ଣ ହୋଇ ଯୁଦ୍ଧରେ ସାମିଲ୍ ହୋଇସାରିଥିଲେ । ମୁସଲମାନମାନେ ଏମାନଙ୍କୁ ଶୀଘ୍ର ଚିହ୍ନି ପାରିଲେ ନାହିଁ ଏବଂ ଜାଣି ପାରିଲେ ନାହିଁ ଯେ, ଏମାନେ କିଏ ? ସୁତରାଂ ସାବିତ୍ ବିନ୍ ୱକ୍‌ଶଙ୍କୁ ତ' ଅବିଶ୍ୱାସକାରୀମାନେ ଶହୀଦ୍ କରିଦେଲେ ଏବଂ ହୁଜୈଫାଙ୍କ ପିତାଶ୍ରୀଙ୍କୁ ମୁସଲମାନମାନେ ଅଜ୍ଞାତ ଓ ଅପରିଚିତତା ଯୋଗୁଁ ଶହୀଦ୍ କରିଦେଲେ। ହୁଜୈଫା ର.ଅ କହିଲେ, ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ! ଏ ତ' ମୋର ପିତା ଅଟନ୍ତି ଯିଏ ବୀରଗତି ପ୍ରାପ୍ତ କରିଛନ୍ତି । ଅର୍ଥାତ୍ ହୁଜୈଫା ନିଜର ପିତାଶ୍ରୀଙ୍କୁ ଦେଖିଲେ ସେତେବେଳେ ସେ କହିଲେ, ଆରେ ଏ ତ' ମୋ ପିତାଶ୍ରୀ ଅଟନ୍ତି । ମୋ ପିତାଶ୍ରୀ ବୀରଗତି ପ୍ରାପ୍ତ କରିଛନ୍ତି । ମୁସଲମାନମାନେ କହିଲେ, ଆମେମାନେ ଈଶ୍ୱରଙ୍କ ଶପଥ କରି କହୁଛୁ ଆମେମାନେ ତାଙ୍କୁ ଚିହ୍ନି ପାରିଲୁ ନାହିଁ । ଭୁଲ ବଶତଃ ସେ ଶହୀଦ୍ ହୋଇଛନ୍ତି । ପ୍ରକୃତରେ ମୁସଲମାନମାନେ ସତ୍ୟ କହିଥିଲେ । ହୁଜୈଫା

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

କହିଲେ, ଅଲ୍ଲାଃତାଲା ତୁମମାନଙ୍କୁ କ୍ଷମା କରି ଦିଅନ୍ତୁ । କାରଣ ସେ ଦୟା ପ୍ରଦର୍ଶନ ଏବଂ କ୍ଷମା ପ୍ରଦାନ କରିବାରେ ସର୍ବୋତ୍କୃଷ୍ଟ ପ୍ରଭୁ ଅଟନ୍ତି । ପୁନଶ୍ଚ ହୁଜୁର ସ.ଅ ପରବର୍ତ୍ତୀ ସମୟରେ ହୁଜୈଫାଙ୍କୁ ତାଙ୍କ ପିତାଶ୍ରୀଙ୍କ ରକ୍ତର କ୍ଷତିପୂରଣ ଦେବାକୁ ଚାହିଁଲେ । ଆଁହଜରତ ସ.ଅ କହିଲେ, ଉକ୍ତ ରକ୍ତର କ୍ଷତିପୂରଣ ଦିଆଯାଉ । କିନ୍ତୁ ହୁଜୈଫା କ୍ଷତିପୂରଣ ନେଲେ ନାହିଁ । ଆପଣ କ୍ଷତିପରୂଣ ନେବାକୁ ଅସ୍ୱୀକାର କରିଦେଲେ ଏବଂ ମୁସଲମାନମାନଙ୍କୁ କ୍ଷମା କରିଦେଲେ । ଏହା ଦ୍ୱାରା ହ. ହୁଜୈଫା ର.ଅଙ୍କ ମର୍ଯ୍ୟାଦା ରସୁଲୁଲ୍ଲାଃ ସ.ଅ ଏବଂ ମୁସଲମାନମାନଙ୍କ ନିକଟରେ ଆହୁରି ବୃଦ୍ଧି ପାଇଥିଲା । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍ନି ହିଶ୍ଶାମ୍, ପୃ-537-538, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଉକ୍ତ ଯୁଦ୍ଧରେ ହ. ହମ୍‌ଜା ର.ଅ ମଧ୍ୟ ବୀରଗତି ପ୍ରାପ୍ତ କରିଥିଲେ । ହ. ହମ୍‌ଜା ର.ଅଙ୍କ ସଂପର୍କରେ ଉମୈର୍ ବିନ୍ ଇସ୍‌ହାକ୍ ଏହିପରି ଉଲ୍ଲେଖ କରନ୍ତି ଯେ, ୱହୋଦ୍ ଯୁଦ୍ଧ ଦିନ ହ. ହମ୍‌ଜା ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ୍ ର.ଅ ରସୁଲ୍ କରୀମ ସ.ଅଙ୍କ ସମ୍ମୁଖରେ ଦୁଇଟି ଖଡ଼୍‌ଗ ସାହାଯ୍ୟରେ ଯୁଦ୍ଧ କରୁଥିଲେ । ସେ କହୁଥିଲେ ଯେ, ମୁଁ ଈଶ୍ୱରଙ୍କ ସିଂହ ଅର୍ଥାତ୍ ବୀର ପୁରୁଷ ଅଟେ । ଏହା କହି ଆପଣ କେତେବେଳେ ଆଗକୁ ମାଡ଼ି ଯାଉଥିଲେ ତ' ଆଉ କେତେବେଳେ ପଛକୁ ଘୁଞ୍ଚି ଯାଉଥିଲେ । ଏହିପରି ଆଗପଛ ଅବସ୍ଥାରେ ଥିଲେ କି ହଠାତ୍ ଆପଣଙ୍କର ପାଦ ଖସିଗଲା । ଆପଣ ତଳେ ପଡ଼ିଗଲେ । ହ. ହମ୍‌ଜା ର.ଅଙ୍କୁ ୱହ୍‌ଶୀ ଅସ୍‌ୱଦ୍ ନାମକ ବର୍ଛାଧାରୀ ବ୍ୟକ୍ତି ଦେଖିନେଲା । ଅବୁ ଉସାମା କହିଲେ, ହ. ହମ୍‌ଜା ର.ଅଙ୍କୁ ୱହଶୀ ଅସ୍‌ୱଦ୍ ବର୍ଛା ମାରି ଶହୀଦ୍ କରି ଦେଇଥିଲା। **(ଅତ୍‌ତବ୍‌କାତୁଲ୍ କୁବ୍ରା, ଭାଗ-3, ପୃ-8, ଦାରୁଲୁ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ତତ୍‌ସମ୍ବନ୍ଧରେ ହୟ ମିର୍ଜା ବଶୀର୍ ଅହେମଦ୍ ସାହେବ ମଧ୍ୟ ଯାହା ଉଲ୍ଲେଖ କରିଛନ୍ତି ତାହା ଏହିପରି ଯେ, ହ. ହମ୍‌ଜା ର.ଅ ଆଁହଜରତ ସ.ଅଙ୍କ ପ୍ରକୃତ ଚଚା (ଦାଦା) ହେବା ବ୍ୟତୀତ ଆପଣ ସ.ଅଙ୍କ ରିଜାଇ (ମା'ଙ୍କ କ୍ଷୀର ପାନ କରିଥିବା) ଭାଇ ମଧ୍ୟ ଥିଲେ । ଆପଣ ର.ଅ ଅତ୍ୟନ୍ତ ସାହାସିକତାର ସହିତ ଯୁଦ୍ଧ ଲଢୁଥିଲେ ଏବଂ ଯେଉଁଆଡ଼େ ଆପଣ ର.ଅ ଯାଉଥିଲେ ଶତ୍ରୁ ପକ୍ଷ ସୈନ୍ୟବାହିନୀର ମଧ୍ୟ ଭାଗକୁ ବିଦୀର୍ଣ୍ଣ (ଚିରି) ପକାଉଥିଲେ । ଅର୍ଥାତ୍ ଧାଡ଼ି ମଧ୍ୟରେ ଫାଟ ସୃଷ୍ଟି ହୋଇଯାଉଥିଲା । କିନ୍ତୁ ଶତ୍ରୁ ମଧ୍ୟ ତାଙ୍କୁ ଜଗି ରହିଥିଲା । ଜୁବୈର୍ ବିନ୍ ମୁତ୍‌ଅମ୍ ନିଜର ୱହ୍‌ଶୀ ଅସ୍‌ୱଦ୍ ନାମକ ଏକ ନିଗ୍ରୋ ଦାସକୁ ବିଶେଷ ରୂପେ ମୁକ୍ତ କରିଦେବାର ପ୍ରତିଶ୍ରୁତି ଦେଇ ନିଜ ସହିତ ଆଣିଥିଲା । ସେ ଉକ୍ତ ଦାସକୁ କହିଲା କି ଯେମିତି ବି ହେଉ ହମ୍‌ଜା ର.ଅଙ୍କୁ ଯେକି ଜୁବୈର୍‌ର ଚଚା ତୁଐମା ବିନ୍ ଅଦିକୁ ବଦର୍ ଯୁଦ୍ଧ ଅବସରରେ ଖଡ଼୍‌ଗ ଦ୍ୱାରା ବଧ କରିଦେଇଥିଲେ । ସେହି ହତ୍ୟାର ପ୍ରତିଶୋଧ ନିଆଯାଉ । ସୁତରାଂ ୱହ୍‌ଶୀ ଏକ ସ୍ଥାନରେ ଲୁଚି ତାଙ୍କୁ ଛପି ବସିଲା । ହ. ହମ୍‌ଜା ର.ଅ ଯେତେବେଳେ କୌଣସି ବ୍ୟକ୍ତି ଉପରେ ଆକ୍ରମଣ କରି ସେହି ମାର୍ଗ ଦେଇ ଅତିକ୍ରମ କଲେ ସେତେବେଳେ ୱହ୍‌ଶୀ ଅସଦ୍ ନାମକ ଦାସ ଅତ୍ୟନ୍ତ ସତର୍କତାର ସହିତ ହ. ହମ୍‌ଜା ର.ଅଙ୍କ ନାଭି ତଳେ ନିଜର ଛୋଟିଆ ବର୍ଛା ମାରିଦେଲା । ଉକ୍ତ ବର୍ଛାଟି ହ. ହମଜା ର.ଅଙ୍କ ଉଦର (ପେଟ) ଚିରି ଆର ପଟକୁ ବାହାରିଗଲା । ହ. ହମ୍‌ଜା ର.ଅ ଟଳମଳ ହୋଇ ତଳେ ପଡ଼ିଗଲେ । ହ. ହମ୍‌ଜା ର.ଅ ସାହାସ ଜୁଟାଇ ଛିଡ଼ା ହେଲେ ଏବଂ ଲମ୍ଫ ମାରି ୱହ୍‌ଶୀ ପର୍ଯ୍ୟନ୍ତ ପହଞ୍ଚିବାକୁ ଚେଷ୍ଟା କଲେ । କିନ୍ତୁ ଆପଣ ର.ଅ ପୁନଶ୍ଚ ଟଳମଳ ହୋଇ ତଳ ପଡ଼ିଗଲେ ଓ ଆପଣ ର.ଅଙ୍କ ପ୍ରାଣ ବାୟୁ ଉଡ଼ିଗଲା । ଏହିପରି ଭାବରେ ଇସ୍‌ଲାମୀୟ ସୈନ୍ୟବିହିନୀର ଗୋଟିଏ ବାହୁ ଭାଙ୍ଗିଗଲା ।

ଆଁହଜରତ ସ.ଅଙ୍କୁ ଯେତେବେଳେ ହ. ହମଜା ର.ଅଙ୍କ ଶହୀଦ୍ ହେବାର ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ ଗଭୀରେ ଭାବରେ ମର୍ମାହତ ହୋଇ ପଡ଼ିଥିଲେ । ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ତାଏଫ୍ ଯୁଦ୍ଧ ପରେ ଯେତେବେଳେ ହ. ହମ୍‌ଜା ର.ଅଙ୍କ ହତ୍ୟାକାରୀ ଆଁହଜରତ ସ.ଅଙ୍କ ସମ୍ମୁଖରେ ଉପସ୍ଥିତ ହେଲା ସେତେବେଳେ ଆପଣ ସ.ଅ ସେହି ଦୋଷୀକୁ କ୍ଷମା ପ୍ରଦାନ କରି ଦେଇଥିଲେ। କିନ୍ତୁ ହ. ହମ୍‌ଜା ର.ଅଙ୍କ ପ୍ରତି ଆନ୍ତରୀକ ସମ୍ମାନ ପ୍ରଦର୍ଶନ କରି ଆପଣ ସ.ଅ କହିଲେ, ୱହ୍‌ଶୀ ମୋ ସମ୍ମୁଖକୁ ଯେପରି ନଆସୁ । ୱହ୍‌ଶୀ ସେତେବେଳେ ନିଜ ମନରେ ଏହି ଶପଥ କଲା କି "ଯେଉଁ ହସ୍ତରୁ ମୁଁ ରସୁଲ୍ କରୀମ୍ ସ.ଅଙ୍କ ଚଚାକୁ ହତ୍ୟା କରିଥିଲି। ଯେପର୍ଯ୍ୟନ୍ତ ସେହି ହସ୍ତରେ ମୁଁ ଇସଲାମ୍ ଧର୍ମର ସବୁଠୁ ବଡ଼ ଶତ୍ରୁକୁ ଖଡ଼ଗ ଦ୍ୱାରା ବଧ କରିଦେଇ ନାହିଁ ସେପର୍ଯ୍ୟନ୍ତ ମୁଁ ଶାନ୍ତିରେ ନିଃଶ୍ୱାସ ନେବି ନାହିଁ ।" ବର୍ତ୍ତମାନ୍ ୱହ୍‌ଶୀ ମୁସଲମାନ ହୋଇଯାଇଥିଲା। ଦୃଷ୍ଟିକୋଣ ବଦଳି ଯାଇଥିଲା ଏବଂ ଚିନ୍ତାଧାରା ପରିବର୍ତ୍ତନ ହୋଇଯାଇଥିଲା । ସୁତରାଂ ହ. ଅବୁ ବକ୍କର ର.ଅଙ୍କ ଖିଲାଫତ୍ କାଳରେ ସେ ୟମାମା ଯୁଦ୍ଧରେ ମିଥ୍ୟା ଅବତାରତ୍ୱର ଦାବିକାରୀ ମୁସୈଲ୍‌ମା କଜ୍ଜାବ୍‌ର ବଧ କରି ନିଜର ଶପଥ ପୂରଣ କରିଥିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-492-493)**

ହ. ହମ୍‌ଜା ର.ଅଙ୍କ ଶବକୁ ବିକୃତ ମଧ୍ୟ କରାଯାଇଥିଲା । ତତ୍‌ସମ୍ବନ୍ଧରେ ବର୍ଣ୍ଣନା ରହିଛି ଯେ, ଅବୁ ସୁଫିୟାନ୍‌ର ପତ୍ନି ହିନ୍ଦ୍ ୱହୋଦ୍ ଯୁଦ୍ଧ ଦିନ ସୈନ୍ୟ ବାହିନୀ ସହିତ ଆସିଥିଲା । ତା'ର ପିତା ବଦର୍ ଯୁଦ୍ଧରେ ହ. ହମ୍‌ଜା ର.ଅଙ୍କ ସହିତ ଯୁଦ୍ଧ କରି ମୃତ୍ୟୁ ବରଣ କରିଥିଲା । ତେଣୁ ହିନ୍ଦ୍ ସେ ନିଜ ପିତାର ପ୍ରତିଶୋଧ ନେବା ନିମନ୍ତେ ଏହି ମାନସିକ କରିଥିଲା ଯେ, ଯଦି ମୋତେ ସୁଯୋଗ ମିଳେ ତେବେ ମୁଁ ହମ୍‌ଜାର କଲିଜା ମଧ୍ୟ ଚୋବେଇବି । ଯେତେବେଳେ ଏହି ପରିସ୍ଥିତି ଉପୁଜିଲା ଓ ହ. ହମ୍‌ଜା ର.ଅଙ୍କ ଉପରେ ଉକ୍ତ ବିପତ୍ତି ଆସିଗଲା ସେତେବେଳେ ଅବିଶ୍ୱାସକାରୀମାନେ ମୃତକମାନଙ୍କର ଶବର ଅଙ୍ଗ ପ୍ରତ୍ୟଙ୍ଗ ଛେଦନ କଲେ ଓ ମୁଖମଣ୍ଡଳ ବିକୃତ କରିଦେଲେ । ନାସା କର୍ଣ୍ଣ ଆଦି ଅଙ୍ଗ ପ୍ରତ୍ୟଙ୍ଗକୁ କାଟିଦେଲେ । ଅବିଶ୍ୱାସକାରୀମାନେ ହ. ହମ୍‌ଜା ର.ଅଙ୍କ କଲିଜାର ଏକ ଖଣ୍ଡ ଆଣିଲେ ଯାହାକୁ ହିନ୍ଦ୍ ଚୋବେଇଥିଲା । କିନ୍ତୁ ସେ ଯେତେବେଳେ ଏହାକୁ ଗିଳି ପାରିଲା ନାହିଁ ସେତେବେଳେ ସେ କଲିଜାକୁ ଫୋପାଡ଼ି ଦେଲା । ଉକ୍ତ ଘଟଣା ସଂପର୍କରେ ରସୁଲ୍ କରୀମ୍ ସ.ଅଙ୍କୁ ଯେତେବେଳେ ଜ୍ଞାତ ହେଲା ସେତେବେଳେ ଆପଣ ସ.ଅ କହିଲେ, ଅଲ୍ଲାଃତାଲା ଅଗ୍ନି ଉପରେ ଅବୈଧ ଏବଂ ବର୍ଜିତ କରିଦେଇଛନ୍ତି ଯେ, ଅଗ୍ନି ହ. ହମ୍‌ଜା ର.ଅଙ୍କ ମାଂସ ମଧ୍ୟରୁ ଖଣ୍ଡେ ମାଂସ ବି ଚାଖୁ । **(ଅତ୍ ତବ୍‌କାତୁଲ୍ କୁବ୍ରା, ଲିଇବ୍ନି ସାଆଦ୍, ଭାଗ-3, ପୃ-8 , ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଆଁହଜରତ ସ.ଅ ହ. ହମ୍‌ଜା ର.ଅଙ୍କ ଶବ ନିକଟକୁ ଆସି ଯେଉଁ ଆବେଗ ପରିପ୍ରକାଶ କଲେ ଏବଂ ଆପଣ ସ.ଅଙ୍କୁ ଉଚ୍ଚାସୀନର ଯେଉଁ ଶୁଭ ସୂଚନା ପ୍ରଦାନ କଲେ ତତ୍‌ସମ୍ବନ୍ଧରେ ବର୍ଣ୍ଣନାରେ ଏହା ବର୍ଣ୍ଣିତ ହୋଇଛି ଯେ, ରସୁଲ୍ କରୀମ୍ ସ.ଅ ଯେତେବେଳେ ହ. ହମଜା ର.ଅଙ୍କ ଶବକୁ ଦେଖିଲେ ସେତେବେଳେ ହ. ହମ୍‌ଜା ର.ଅଙ୍କ କଲିଜା କାଢି ଚୋବାଇ ନିଆଯାଇଥିଲା । ଇବ୍‌ନେ ହିଶ୍ଶାମ୍ କୁହନ୍ତି ଯେ, ରସୁଲ୍ କରୀମ୍ ଯେତେବେଳେ ହ. ହମ୍‌ଜା ର.ଅଙ୍କ ଶବର ଏପରି ବିକୃତାବସ୍ଥାକୁ ଅବଲୋକନ କଲେ ସେତେବେଳେ ଆପଣ ସ.ଅ କହିବାକୁ ଲାଗିଲେ ଯେ, ହେ ହମ୍‌ଜା ! ତୁମ ଭଳି କୌଣସି ବିପତ୍ତିର ମୁଁ କେବେ ସମ୍ମୁଖୀନ ହେବି ନାହିଁ । ଆଁହଜରତ ସ.ଅଙ୍କ କହିବାର ତାତ୍ପର୍ଯ୍ୟ ଏହା ଥିଲା କି ଭଗବାନ ନକରନ୍ତୁ ତାଙ୍କ ଭଳି ମର୍ମନ୍ତୁଦ ପରିଣାମ ଆପଣ ସ.ଅଙ୍କୁ ଭୋଗିବାକୁ ପଡ଼ୁ । ମୁଁ ଏହାଠୁ ଅଧିକ ପୀଡ଼ାଦାୟକ ଦୃଶ୍ୟ ଆଜି ପର୍ଯ୍ୟନ୍ତ ଅବଲୋକନ କରି ନାହିଁ । ଆପଣ ସ.ଅ ପୁନଶ୍ଚ କହିଲେ, ହ. ଜିବ୍ରାଇଲ୍ ଅ.ସ ମୋତେ ସୂଚନା ଦେଇଛନ୍ତି ଯେ, ହମ୍‌ଜା ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ୍‌ଙ୍କ ନାମକୁ ସାତଟି ଯାକ ଆକାଶରେ ଅଲ୍ଲାଃତାଲା ସିଂହ ବୋଲି ଲେଖିଛନ୍ତି। **(ସିରତ୍ ଇବ୍‌ନେ ହିଶ୍ଶାମ୍, ପୃ-395, ଦାରେ ଇବ୍‌ନେ ହିଜମ୍, ବୈରୁତ୍, 2009 ମସିହା)**

ହ. ଖଲିଫତୁଲ୍ ମସିହ୍ ସାନି ର.ଅ ବର୍ଣ୍ଣନା କରନ୍ତି: "ରସୁଲ୍ କରୀମ୍ ସ.ଅଙ୍କ ପରମ ଶତ୍ରୁମାନଙ୍କ ମଧ୍ୟରୁ ହିନ୍ଦା ଅନ୍ୟତମ ଶତ୍ରୁ ଥିଲା । ସେ ଆପଣ ସ.ଅଙ୍କ ଘୋର ବିରୋଧୀ ଥିଲା । କାରଣ ୱୋହୋଦ୍ ଯୁଦ୍ଧ ଅବସରରେ ସେ ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ବା ଲୋକମାନଙ୍କୁ କବିତା ପାଠ କରି ଉସ୍‌କାଉଥିଲା । ସେ ଏହା କହୁଥିଲା ଯେ, ଯାଅ ଏହେ ସୈନ୍ୟବାହିନୀ ଇସ୍‌ଲାମୀୟ ସୈନ୍ୟ ବାହିନୀ ଉପରେ ଆକ୍ରମଣ କର ଏବଂ ଯେତେବେଳେ ଏକ ଭୟଙ୍କର ସମୟ ମୁସଲମାନମାନଙ୍କ ଉପରେ ଆସିଲା ସେତେବେଳେ ହିନ୍ଦା କହିଲା, ଯେଉଁ ବ୍ୟକ୍ତି ହ. ହମ୍‌ଜା ର.ଅଙ୍କ କଲିଜା କାଢି ମୋତେ ଆଣି ଦେଇ ଦେବ ଏବଂ ସେହିପରି ତାଙ୍କର ନାକ, କାନ କାଟି ଆଣିବ ତେବେ ମୁଁ ତା'କୁ ପୁରସ୍କାର ପ୍ରଦାନ କରିବି । ସୁତରାଂ ହ. ହମ୍‌ଜା ର.ଅଙ୍କ ଶବ ସହିତ ଏହିପରି ବ୍ୟବହାର ପ୍ରଦର୍ଶନ କରାଗଲା । ଯୁଦ୍ଧ ପରେ ରସୁଲ୍ କରୀମ୍ ସ.ଅଙ୍କୁ ଯେତେବେଳେ ଉକ୍ତ ଘଟଣା ସଂପର୍କରେ ଜ୍ଞାତ ହେଲା ଯେ, ଆପଣ ସ.ଅଙ୍କ ଚଚାଙ୍କ ଶବ ସହିତ ଏପରି ତିରସ୍କାର କରାଯାଇଛି ସେତବେଳେ ଆପଣ ସ.ଅ ସ୍ୱାଭାବିକ ରୂପେ ବ୍ୟଥିତ ହେଲେ ଏବଂ ଆପଣ ସ.ଅ କହିଲେ, ଶତ୍ରୁ ଯେତେବେଳେ ମୁସଲମାନମାନଙ୍କ ସହିତ ଏପରି ଅତ୍ୟାଚାରମୂଳକ କ୍ରୁର ବ୍ୟବହାର ପ୍ରଦର୍ଶନ କରିବା ଆରମ୍ଭ କରିଦେଇଛି ତେବେ ମୁଁ ମଧ୍ୟ ସେମାନଙ୍କ ପ୍ରତି ଏହିପରି ବ୍ୟବହାର ପ୍ରଦର୍ଶନ କରିବି । ସୁତରାଂ ଅଲ୍ଲାଃତାଲାଙ୍କ ପକ୍ଷରୁ ସେତେବେଳେ ଏହି ଐଶୀବାଣୀ ଅବତୀର୍ଣ୍ଣ ହେଲା ଯେ, ସେମାନଙ୍କର ଏହି ଅତ୍ୟାଚାରମୂଳକ ବ୍ୟବହାର

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ସତ୍ତ୍ୱେ ଆପଣ ସ.ଅଙ୍କୁ ଏପରି କୌଣସି ପଦକ୍ଷେପ ଗ୍ରହଣ କରିବା ଅନୁଚିତ ଅଟେ ଓ କ୍ଷମାଦାନ, ଅଣଦେଖା ମାର୍ଗ ଅବଲମ୍ବନ କରିବା ଉଚିତ୍ ।" **(ତଫସିର୍ କବିର୍, ଭାଗ-6, ପୃ-353-354, ସୁରତୁନ୍ ନୁର୍ ଆୟତ୍ ନଂ-47 ଅନୁଯାୟୀ)**

ସୁତରାଂ ଇସ୍ଲାମ୍ ଧର୍ମରେ ଶତ୍ରୁ ପ୍ରତି ଏତାଦୃଶ ଆଚରଣ ପ୍ରଦର୍ଶନ କରିବା ଅର୍ଥାତ୍ ମୁଖ ମଣ୍ଡଳ ବିକୃତ କରିବା ଏବଂ ଅଙ୍ଗପ୍ରତ୍ୟଙ୍ଗକୁ ବୀପରୀତ ପାର୍ଶ୍ୱରୁ ଛେଦନ କରିବାକୁ ଅଲ୍ଲାଃତାଲା ସ୍ପଷ୍ଟ ଭାବରେ ବାରଣ କରିଛନ୍ତି ।

ଏଠାରେ ହ. ହମ୍ଜା ର.ଅଙ୍କ ଭଉଣୀଙ୍କ ଘଟଣା ମଧ୍ୟ ଉଲ୍ଲେଖ ରହିଛି । ତାହା ଏହିପରି ଯେ, ହ. ହମ୍ଜା ର.ଅ କିପରି ଧୈର୍ଯ୍ୟ, ପ୍ରସନ୍ନତା ଓ ଆଜ୍ଞାନୁବର୍ତ୍ତିତାର ଗୌରବ ପୂର୍ଣ୍ଣ ଉଦାହରଣ ପ୍ରଦର୍ଶନ କଲେ । ହ. ଜୁବୈର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଓହୋଦ୍ ଯୁଦ୍ଧ ପରିସମାପ୍ତି ପରେ ଜଣେ ମହିଳା ଦ୍ରୁତ ଗତିରେ ସାମ୍ନାକୁ ଆସୁଥିବାର ଦୃଶ୍ୟମାନ ହେଲା । ଏହା ସମ୍ଭବ ଥିଲା କି ସେ ଶହୀଦ୍‌ମାନଙ୍କର ଶବକୁ ଦେଖି ନେଇଥାଆନ୍ତା । ନବୀ କରୀମ୍ ସ.ଅ ଏହାକୁ ଉଚିତ୍ ବୋଲି ମନେକଲେ ନାହିଁ ଯେ, କୌଣସି ମହିଳା ସେଠାକୁ ଆସୁ ଓ ଶବର ଯେଉଁ ଶୋଚନୀୟ ତଥା ଦୂରାବସ୍ଥା ରହିଥିଲା ଅର୍ଥାତ୍ ଅନେକ ଶବକୁ ବିକୃତ କରିଦିଆ ଯାଇଥିଲା ତାହାକୁ ଦେଖି ଜମା ସହ୍ୟ କରିପାରିବ ନାହିଁ । ସେଇଥିପାଇଁ ଆପଣ ସ.ଅ କହିଲେ, ମହିଳାମାନଙ୍କୁ ଶବ ଦେଖିବାକୁ ଅନୁମତି ନାହିଁ । ସେମାନଙ୍କୁ ଅଟକାଅ । ବିଶେଷ କରି ସେହି ମହିଳାକୁ ଅଟକାଅ । ହ. ଜୁବୈର୍ ର.ଅ କୁହନ୍ତି, ମୁଁ ଧ୍ୟାନ ପୂର୍ବକ ଦେଖିଲି ଯେ, ଏ ତ' ମୋର ମାତାଶ୍ରୀ ଅଟନ୍ତି । ସେହି ମହିଳା ଜଣକ ହ. ସଫିୟା ଥିଲେ । ତେଣୁ ମୁଁ ତାଙ୍କ ଆଡ଼କୁ ଧାଇଁଗଲି ଏବଂ ସେମାନଙ୍କୁ ଶୋହଦା (ଶହୀଦ୍‌ର ବହୁ ବଚନ)ଙ୍କ ପାର୍ଥିବ ଶରୀର ପର୍ଯ୍ୟନ୍ତ ପହଞ୍ଚିବା ପୂର୍ବରୁ ହିଁ ତାଙ୍କୁ ତାଙ୍କୁ ଧରିନେଲି । ସେ ମୋତେ ଦେଖି ମୋ ଛାତି ଉପରେ ହାତ ମାରି ମୋତ ପଛକୁ ଠେଲିଦେଲେ । ସଫିୟା ଜଣେ ବଳଶାଳୀ ମହିଳା ଥିଲେ । ସେ କହିବାକୁ ଲାଗିଲେ ଯେ, ପଛକୁ ଘୁଞ୍ଚିଯାଅ ! ମୁଁ ତୁମର କୌଣସି କଥା ମାନିବି ନାହିଁ । ମୁଁ କହିଲି ନବୀ କରୀମ୍ ସ.ଅ ଆପଣଙ୍କୁ ରୋକିବା ନିମନ୍ତେ ମୋତେ ଆଦେଶ ଦେଇଛନ୍ତି । ଆପଣ ସେହି ଶବଗୁଡ଼ିକୁ ଦେଖନ୍ତୁ ନାହିଁ । ଏହା ଶୁଣି ସେ ଅଟକିଗଲେ ଏବଂ ନିଜ ନିକଟରେ ଉପସ୍ଥିତ ଥିବା ବସ୍ତ୍ରକୁ ବାହାର କରି କହିଲେ, ଏହି ଦୁଇଟି ବସ୍ତ୍ର ମୁଁ ମୋ ଭାଇ ହମଜାହ୍ ପାଇଁ ଆଣିଛି । କିନ୍ତୁ ସଫିୟା ଯେତେବେଳେ ଆଁହଜରତ ସ.ଅଙ୍କ ଆଦେଶ ଶୁଣିଲେ ସେତେବେଳେ ସେ ଅଟକି ଗଲେ ଅର୍ଥାତ୍ ଆପଣ ସ.ଅଙ୍କ ଆଦେଶ ପାଳନ କଲେ । ଯେମିତି ସେ ଆଁହଜରତ ସ.ଅଙ୍କ ନାଁ ଶୁଣିଲେ ସେହି ଚୈତନ୍ୟାବସ୍ଥାରେ ହିଁ ଅବିଚଳତା ପ୍ରଦର୍ଶନ କରି ଆଜ୍ଞା ପାଳନ କଲେ ।

ସଫିୟା ପୁନଶ୍ଚ କହିଲେ, ରସୁଲ୍ କରୀମ୍ ସ.ଅ କୁହ, ମୁଁ ଅଟକି ଯାଇଛି । ଆଗକୁ ଯିବି ନାହିଁ । କିନ୍ତୁ ଆଁହଜରତ ସ.ଅଙ୍କୁ କୁହ କି ମୁଁ ଜାଣିବାକୁ ପାଇଛି ଯେ, ମୋର ଭାଇ ହମ୍ଜା ଶହୀଦ୍ ହୋଇଯାଇଛି ଏବଂ ଅବିଶ୍ୱାସକାରୀମାନେ ତାଙ୍କର ଶରୀରକୁ ବିକୃତ କରିଦେଇଛନ୍ତି । ମୁଁ କେବଳ ତାକୁ ଥରେ ଦେଖିବାକୁ ଚାହୁଁଛି ଏବଂ ମୁଁ ଏହି ପ୍ରତିଶ୍ରୁତି ଦେଉଛି କି ମୁଁ କୌଣସି ରୋଦନ, ବିଳାପ ଓ ଚିତ୍କାର କରିବି ନାହିଁ, ମୁଁ ଧୈର୍ଯ୍ୟ ପ୍ରଦର୍ଶନ କରିବି । ସୁତରାଂ ଯେତେବେଳେ ଜୁବୈର୍ ର.ଅ ରସୁଲୁଲ୍ଲାଃ ସ.ଅଙ୍କୁ ଉକ୍ତ କଥା କହିଲେ ସେତେବେଳେ ଆପଣ ସ.ଅ କହିଲେ, ତାଙ୍କୁ ଶବ ଦେଖିବା ପାଇଁ ଛାଡ଼ିଦିଅ । ସେ ଯାଇ ଶବକୁ ଠିକ୍ ସେ ଦେଖି ନିଅନ୍ତୁ । ସେ ଯାଇ ନିଜ ଭାଇର ଶବ ପାଖରେ ଯାଇ ବସି ପଡ଼ିଲେ ଏବଂ ସିଂହ ଭଳି ସାହାସୀ ଓ ବୀର ଶହୀଦ୍‌କୁ ଦେଖି ଅପ୍ରତ୍ୟାଶିତ ଭାବରେ ତାଙ୍କ ଆଖିରୁ ଲୁହ ଧାର ବହିବାକୁ ଲାଗିଲା । କିନ୍ତୁ ତୁଣ୍ଡରେ କୌଣସି ପଦୁଟିଏ ବାହାର କଲେ ନାହିଁ । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଆପଣ ସ.ଅ ମଧ୍ୟ ତାଙ୍କ ନିକଟକୁ ଆସିଲେ ଏବଂ ତାଙ୍କ ପାଖରେ ବସିଗଲେ । ଆପଣ ସ.ଅଙ୍କ ଚକ୍ଷୁରୁ ମଧ୍ୟ ଲୋତକ ଧାର ବହିବାକୁ ଲାଗିଲା । ବୀରାଙ୍ଗନା, ସାହାସୀନୀ ଭଗିନୀ (ଭଉଣୀ) କିଛି ସମୟ ଲୁହର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କଲେ ଏବଂ ଛିଡ଼ା ହୋଇ ନିଜର ସୁପୁତ୍ରକୁ କହିବାକୁ ଲାଗିଲେ, ପୁତ୍ର ! ମୁଁ ମୋ ଭାଇ ପାଇଁ ଦୁଇଟି ଚଦର ଆଣିଛି । ଯେପରିକି ମୁଁ ପୂର୍ବେ କହିଥିଲି । ଭାଇଙ୍କ ଶାହାଦତ୍‌ର ସୂଚନା ମୋତେ ପୂର୍ବରୁ ହିଁ ମିଳି ସାରିଥିଲା । ସେଇଥି ପାଇଁ ମୁଁ ଏଇ ଦୁଇଟି ଚଦର ନେଇ ଆସିଥିଲି । ତୁମେ ମୋ ଭାଇଙ୍କୁ ଏହି ଦୁଇ ବସ୍ତ୍ର ଅର୍ଥାତ୍ ଚଦର ପିନ୍ଧାଇ ତାଙ୍କୁ କବର ଦେଇଦେବା । ବର୍ଣ୍ଣନାକାରୀ କୁହନ୍ତି ଯେ, ଆମମେମାନେ ଯେତେବେଳେ ହ. ହମ୍ଜା ର.ଅଙ୍କୁ ଏହି ଦୁଇ ବସ୍ତ୍ରରେ କଫନ ଦେବାକୁ ଲାଗିଲୁ ସେତେବେଳେ ଆମେମାନେ ଏହା ଅବଲୋକନ କଲୁ ଯେ, ତାଙ୍କ ପାର୍ଶ୍ୱରେ ଜଣେ ଅନ୍‌ସାରୀ ବ୍ୟକ୍ତି ଶହୀଦ୍ ହୋଇ ପଡ଼ି ରହିଛନ୍ତି । ହ. ହମ୍‌ଜାହ୍ ର.ଅଙ୍କ ସହିତ ଯେଉଁ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା ଠିକ୍ ସେହପରି ବ୍ୟବହାର ତାଙ୍କ ସହିତ ମଧ୍ୟ ପ୍ରଦର୍ଶନ କରାଯାଇଥିଲା । ଅର୍ଥାତ୍ ତାଙ୍କର ପାର୍ଥିବ ଶରୀରକୁ ମଧ୍ୟ ବିକୃତ କରି ଦିଆଯାଇଥିଲା । ଆମେମାନେ ଅତ୍ୟନ୍ତ ଅନୁତପ୍ତ ହେଲୁ ଯେ, ଆମେମାନେ ହ. ହମ୍ଜା ର.ଅଙ୍କୁ ଦୁଇଟି ବସ୍ତ୍ରରେ କଫନ ଅର୍ଥାତ୍ କବର ଦେବୁ ଆଉ ଏହି ଅନ୍‌ସାରୀଙ୍କ ପାଇଁ ଖଣ୍ଡିଏ ବସ୍ତ୍ର ମଧ୍ୟ ଉପଲବ୍ଧ ହେବ ନାହିଁ । ତେଣୁ ଆମେମାନେ ଏହି ନିଷ୍ପତ୍ତି ନେଲୁ ଯେ, ଗୋଟିଏ ବସ୍ତ୍ର ହ. ହମ୍ଜା ର.ଅଙ୍କୁ ଓ ଅନ୍ୟ ଏକ ବସ୍ତ୍ର ସେହି ଅନ୍‌ସାରୀ ସାହାବି ର.ଅଙ୍କୁ କବର ଦେଲୁ । ଯେତେବେଳେ ଉଭୟଙ୍କ ପାର୍ଥିବ ଶରୀରର ଆକଳନ କରାଗଲା ସେତେବେଳେ ଏହା ଜ୍ଞାତ ହେଲା ଯେ, ଉଭୟ ଶହୀଦଙ୍କ ମଧ୍ୟରୁ ଜଣଙ୍କର ଉଚ୍ଚତା ଅଧିକ ରହିଥିଲା । ତେଣୁ ଆମେମାନେ କାଗଜ ଗୁଳା ପକାଇଲୁ । ଗୁଳାରେ ଯାହାର ନାମ ବାହାରିଲା ତାଙ୍କୁ ସେହି ବସ୍ତ୍ରରେ ହିଁ କବର ଦେଇଦେଲୁ । **(ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ପୃ-452, ହଦିସ୍ ନଂ-1418, ଆଲିମୁଲ୍ କୁତୁବ୍, ବୈରୁତ୍) (ଖୁତବାତେ ତାହିରରୁ ଉଦ୍ଧୃତ, ଖିଲାଫତ୍ ପୂର୍ବର ଜଲସା ସାଲାନା ଅବସରରେ ପ୍ରଦତ୍ତ ଭାଷଣ, ପୃ-365 -364, ତାହିର୍ ଫାଉଣ୍ଡେସନ୍ -2006 ମସିହା)**

ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ କୁହନ୍ତି, ହ. ହମ୍ଜା ର.ଅ ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀକୁ ଚିନ୍ତିତ ଥିବା ଦେଖି ସୈନ୍ୟବାହିନୀର ମଧ୍ୟ ଭାଗରେ ଅନୁପ୍ରବେଶ କଲେ । ଅର୍ଥାତ୍ ମୁସଲମାନମାନଙ୍କର ଜୟଲାଭ ହୋଇ ସାରିଥିଲା । କିନ୍ତୁ ଅବଦୁଲ୍ଲାଃ ବିନ୍ ଜୁବୈର୍ ର.ଅଙ୍କ ସାଥିମାନେ ଆଁହଜରତ ସ.ଅଙ୍କ ଆଦେଶକୁ ଅବମାନନା କରି ମାଲେ ଗନିମତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ନିଜ ସ୍ଥାନ ଛାଡ଼ି ତଳକୁ ଓହ୍ଲାଇ ଆସିଲେ । ଶତ୍ରୁ ଯେତେବେଳେ ସ୍ଥାନ ଖାଲି ପଡ଼ିଥିବା ଅବଲୋକନ କଲା ସେତେବେଳେ ଶତ୍ରୁ ନିଜର ଅଶ୍ୱାରୋହୀଙ୍କ ସମେତ ଇସ୍ଲାମୀୟ ସୈନ୍ୟ ବାହିନୀର ପଛ ପଟୁ ଆକ୍ରମଣ କଲା । ଯୁଦ୍ଧ ହେଲା । ଅମୀର୍ ହ. ହମ୍ଜା ର.ଅ ଏବଂ ଅବଦୁଲ୍ଲାଃ ବିନ୍ ଜୁବୈର୍ ର.ଅ ବୀରଗତି ପ୍ରାପ୍ତ କଲେ । ହ. ଅଲୀ ର.ଅ, ହ. ଉମର୍, ହ. ଅବୁ ବକ୍କର ସିଦ୍ଦିକ୍ ର.ଅ ଆହତ ହେଲେ । ହିନ୍ଦା ବିନ୍ତ୍ ଉତ୍‌ବା ତଥା ଅବୁ ସୁଫିୟାନ୍‌ର ପତ୍ନି ହ. ହମ୍ଜା ର.ଅଙ୍କ କଳିଜାକୁ ଚୋବାଇଲା ଓ ଶହୀଦ୍ ହୋଇଥିବା ମୁସଲମାନମାନଙ୍କର କାନ କାଟିନେଲା ଓ ଆଖି ତାଡ଼ି ନେଲା । ସେହି ଅଙ୍ଗ ପ୍ରତ୍ୟଙ୍ଗର ହାର କରି ଗଳାରେ ପରିଧାନ କଲା । ଶହୀଦ୍ ହୋଇଥିବା ଏହି ମୃତକମାନଙ୍କର ଶବ ସହିତ ଏଭଳି ବ୍ୟବହାର ହୋଇଥିବା ଦେଖି ମୁସଲମାନେମାନଙ୍କର ଚକ୍ଷୁ ରକ୍ତ ରଞ୍ଜିତ ହୋଇ ଉଠିଲା । ଏପର୍ଯ୍ୟନ୍ତକି ସ୍ୱୟଂ ଆଁହଜରତ ସ.ଅ ରୋଦନମୟ ଅବସ୍ଥା ସୃଷ୍ଟି ହୋଇଗଲା ଯେ, ଆପଣ ସ.ଅ କ୍ରୋଧିତ ହୋଇ ଏହା ଆଦେଶ ଦେଲେ ଯେ, ହେ ସାହାବାମାନେ ବର୍ତ୍ତମାନ ତୁମେମାନେ ଯେତେବେଳେ ବିଜୟ ଲାଭ କରିବ ସେତେବେଳେ ତୁମେମାନେ ମଧ୍ୟ ଅବିଶ୍ୱାସକାରୀଙ୍କ ଶବ ସହିତ ଏହିଭଳି ବ୍ୟବହାର ପ୍ରଦର୍ଶନ କରିବ । ଅର୍ଥାତ୍ ଶବକୁ ବିକୃତ କରିଦେବ । ସୁତରାଂ ନିଜର ଅତ୍ମୀୟ ସ୍ୱଜନ ତଥା ପ୍ରିୟ ପ୍ରାଣୋତ୍ସର୍ଗୀ ଚଚା ତଥା ଅମୀର ହ. ହମ୍ଜା ର.ଅଙ୍କୁ ଆପଣ ସ.ଅ ଚାହିଁ କହିଲେ, لَأُمَثِّلَنَّ بِسَبْعِينَ مِنْهُمْ مَكَانَكَ ଅର୍ଥାତ୍ ହେ ହମ୍ଜା ! ମୁଁ ତୁମ୍ଭ ବଦଳରେ ସେହି 70 ଜଣ ଅବିଶ୍ୱାସକାରୀମାନଙ୍କୁ ବିକୃତ କରି ପକାଇବି । କିନ୍ତୁ ଆଁହଜରତ ସ.ଅଙ୍କ ସ୍ୱାଭାବଗତ ମାନବିକ ଦୟା ଓ ମାନବିକ ସୁଲଭ ସାମୟିକ କ୍ରୋଧ ଉପରେ କାୟା ବିସ୍ତାର କରିବା ଫଳରେ ପବିତ୍ର କୁରଆନ୍ କରୀମର ଉକ୍ତ ଆୟତଟି ଅବତୀର୍ଣ୍ଣ ହେଲା- وَإِنْ عَاقَبْتُمْ فَعَاقِبُوا بِمِثْلِ مَا عُوقِبْتُم بِهِ ۖ وَلَئِن صَبَرْتُمْ لَهُوَ خَيْرٌ لِّلصَّابِرِينَ (ଅନ୍ ନହଲ୍:127) ଏବଂ ତୁମେମାନେ ଯେତେବେଳେ ଅତ୍ୟାଚାରୀମାନଙ୍କ ପ୍ରତି ଶାସ୍ତି ବିଧାନ କର ସେତେବେଳେ ତୁମେମାନେ ସେତିକି ଶାସ୍ତି ବିଧାନ କର ଯେତିକି ତୁମେମାନେ ଅତ୍ୟାଚାରିତ ହୋଇଅଛ । ଅର୍ଥାତ୍ ତୁମମାନଙ୍କ ପ୍ରତି ଯେତିକି ଅତ୍ୟାଚାର ହୋଇଛି ତୁମେମାନେ ସେତିକି ଶାସ୍ତି ଦିଅ । ଆଉ ଯଦି ତୁମେମାନେ ଧୈର୍ଯ୍ୟ ପ୍ରଦର୍ଶନ କର ତେବେ ତାହା ନିଶ୍ଚୟ ଧୈର୍ଯ୍ୟବାନ୍ ବ୍ୟକ୍ତିମାନଙ୍କ ପକ୍ଷେ ସର୍ବୋତ୍ତମ ହେବ । କିନ୍ତୁ ବାସ୍ତବତା ଏବଂ ସତ୍ୟ ଏହିକି ଯେ, وَمَا أَرْسَلْنَاكَ إِلَّا رَحْمَةً لِّلْعَالَمِينَ (ଅଲ୍ ଅମ୍ବିୟା: 108) ଏବଂ ହେ ମୁହମ୍ମଦ ! ଆମ୍ଭେ ତୁମ୍ଭଙ୍କୁ ସମଗ୍ର ଜଗତ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଅଛୁ । ସୁତରାଂ ଉପରୋକ୍ତ ଆୟତ୍‌ରେ ଆଁହଜରତ ସ.ଅ ସମଗ୍ର ଜଗତ ନିମନ୍ତେ କରୁଣା ରୂପେ ଗଢ଼ି ପ୍ରେରଣ କରିଥିବା ହେତୁ ଆପଣ ସ.ଅଙ୍କର ପ୍ରଶଂସା କରିଛନ୍ତି । ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ କୁହନ୍ତି, ସୁତରାଂ ସେହି ଦିନରୁ ଶବ ପ୍ରତି ଦୁର୍ବ୍ୟବହାର ଏବଂ ଶବକୁ ବିକୃତ କରିବାର ଯେଉଁ ଘୃଣ୍ୟ ପ୍ରଥା ରହିଥିଲା ତାହାକୁ ଭବିଷ୍ୟତକାଳ ଯୁଗ ନିମନ୍ତେ ସମସ୍ତ ଜାତିଙ୍କ ମଧ୍ୟରେ ପ୍ରଣୟନ କରି ଦିଆଗଲା । ସୁତରାଂ ମୁସଲମାନମାନଙ୍କ ଉପରେ ଏହା ଅବୈଧ କରିଦିଆଗଲା ଯେ, ସେମାନେ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

କୌଣସି ଶବ ପ୍ରତି ଏପରି ଦୁର୍ବ୍ୟବହାର ଏବଂ ବିକୃତମୂଳକ ଆଚରଣ ପ୍ରଦର୍ଶନ କରିବେ ନାହିଁ । ସୁତରାଂ ଇସଲାମ୍ ଧର୍ମକୁ ହିଁ ଏହି ଗୌରବ ପ୍ରାପ୍ତ ହେଲା । ଉକ୍ତ ଯୁଦ୍ଧରେ ମୁସଲମାନମାନଙ୍କୁ ଘୋର କ୍ଷତି ସହ୍ୟ କରିବାକୁ ପଡ଼ିଲା ଏବଂ ଅବଦୁଲ୍ଲାଃ ବିନ୍ ଜୁବୈର୍ ର.ଅଙ୍କ ସେନପତିତ୍ୱ ତ୍ରୁଟି ଯୋଗୁଁ ଉକ୍ତ ବିପତ୍ତି ମୁସଲମାନମାନଙ୍କ ଉପରେ ଅବତୀର୍ଣ୍ଣ ହେଲା । ମୁସଲମାନମାନଙ୍କର ପ୍ରଚୁର ଲାଭ ମଧ୍ୟ ହେଲା ଯେ, କପଟ ବିଶ୍ୱାସୀଙ୍କ କପଟତା ଓ ଇହୁଦୀମାନଙ୍କ ବୈରାଗ୍ୟ ତଥା ଶତ୍ରୁତା ସ୍ପଷ୍ଟ ହୋଇଗଲା । ଫଳତଃ ମୁସଲମାନମାନେ ଅନ୍ୟମାନଙ୍କ ତୁଳନାରେ ପୃଥକ୍ ଓ ଅନନ୍ୟ ହୋଇଗଲେ । **(ଫସ୍‌ଲୁଲ୍ ଖିତାବ୍, ଭାଗ-1, ପୃ-126-127)**

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ରସୁଲ୍ କରୀମ୍ ସ.ଅଙ୍କ ପରମ ଶତ୍ରୁ ମଧ୍ୟରୁ ହିନ୍ଦା ଅନ୍ୟତମ ଶତ୍ରୁ ଥିଲା । କେତେକ ଉର୍ଦ୍ଦୁ ପୁସ୍ତକମାନଙ୍କରେ ହିନ୍ଦା ବୋଲି ଉଲ୍ଲେଖ ରହିଛି । କେତେକ ଉର୍ଦ୍ଦୁ ପୁସ୍ତକମାନଙ୍କରେ ହିନ୍ଦ୍ ନାମୋଲ୍ଲେଖ ରହିଛି । ପ୍ରକୃତରେ ତା'ର ନାମ ହିନ୍ଦ୍ ଅଟେ । ସେ ଏତେ କ୍ରୁର ବିରୋଧୀନୀ ମହିଳା ଥିଲା ଯେ, ଓହୋଦ୍ ଯୁଦ୍ଧ ଅବସରରେ ଲୋକମାନଙ୍କ ଆଗରେ କବିତା ପାଠ କରି ସେମାନଙ୍କୁ ଉସ୍‌କାଉଥିଲା ଏବଂ କହୁଥିଲା, ଯାଅ ଏବଂ ଇସଲାମୀୟ ସୈନ୍ୟବାହିନୀ ଉପରେ ଆକ୍ରମଣ କରିପକାଅ । ଯେତେବେଳେ ଏକ ଭୟଙ୍କର ସମୟ ମୁସଲମାନମାନଙ୍କ ନିମନ୍ତେ ଆସିଲା ସେତେବେଳେ ସେ କହିଲା, ଯେଉଁ ବ୍ୟକ୍ତି ହ. ହମ୍‌ଜା ର.ଅ ଯେକି ଆଁହଜରତ ସ.ଅଙ୍କ ଚଚା ଥିଲେ କଲିଜା କାଢି ମୋ ନିକଟକୁ ନେଇ ଆସିବ ସେହିପରି ତାଙ୍କର ନାସା (ନାକ), କର୍ଣ୍ଣ (କାନ) କାଟି ଆଣିବ ମୁଁ ତା'କୁ ପୁରସ୍କାର ପ୍ରଦାନ କରିବି । ସୁତରାଂ ହ. ହମ୍‌ଜା ର.ଅଙ୍କ ମର ଶରୀର ସହିତ ଏହିପରି ବ୍ୟବହାର ପ୍ରଦର୍ଶନ କଲାଗଲା । ଯୁଦ୍ଧ ପରେ ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କୁ ଉକ୍ତ କଥା ଜ୍ଞାତ ହେଲା ଯେ, ଆପଣ ସ.ଅଙ୍କ ଚଚାଙ୍କ ଶବ ସହିତ ଏପରି ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଛି ସେତେବେଳେ ଆପଣ ସ.ଅ ସ୍ୱଭାବିକେ ରୂପେ ବ୍ୟଥିତ ଓ ମର୍ମାହତ ହେଲେ ଏବଂ ଆପଣ ସ.ଅ କହିଲେ, ଶତ୍ରୁ ଯେତେବେଳେ ଏଭଳି ଜଘନ୍ୟ ଅତ୍ୟାଚାରମୂଳକ ବ୍ୟବହାର ପ୍ରାରମ୍ଭ କରିଦେଇଛି ତେବେ ମୁଁ ମଧ୍ୟ ସେମାନଙ୍କ ସହିତ ଏହିପରି ବ୍ୟବହାର ପ୍ରଦର୍ଶନ କରିବି । ସେତେବେଳେ ଅଲ୍ଲାଃତାଲାଙ୍କ ପକ୍ଷରୁ ଆପଣ ସ.ଅଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହେଲା ଯେ, ତୁମେମାନେ ଯେତେବେଳେ ଅତ୍ୟାଚାରୀମାନଙ୍କ ପ୍ରତି ଶାସ୍ତି ବିଧାନ କର ସେତେବେଳେ ତୁମେମାନେ ସେତିକି ଶାସ୍ତି ବିଧାନ କର ଯେତିକି ତୁମେମାନେ ଅତ୍ୟାଚାରିତ ହୋଇଅଛ । ଅର୍ଥାତ୍ ତୁମମାନଙ୍କ ପ୍ରତି ଯେତିକି ଅତ୍ୟାଚାର ହୋଇଛି ତୁମେମାନେ ସେତିକି ଶାସ୍ତି ଦିଅ । ଆଉ ଯଦି ତୁମେମାନେ ଧୈର୍ଯ୍ୟ ପ୍ରଦର୍ଶନ କର ତେବେ ତାହା ନିଶ୍ଚୟ ଧୈର୍ଯ୍ୟବାନ୍ ବ୍ୟକ୍ତିମାନଙ୍କ ପକ୍ଷେ ସର୍ବୋତ୍ତମ ହେବ ।

**(ତଫ୍‌ସିର୍ କବିର୍, ଭାଗ-6, ପୃ-353-354)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯୁଦ୍ଧ ସଂପର୍କିତ ଅବଶିଷ୍ଟାଂଶ ଚର୍ଚ୍ଚା ମୁଁ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । ମୁଁ ପ୍ରତ୍ୟେକ ଖୁତ୍‌ବାରେ ଆପଣମାନଙ୍କୁ ପାଲେଷ୍ଟାଇନ୍‌ମାନଙ୍କ ଦୁଆ କରିବା ନିମନ୍ତେ କହୁଛି । ଆପଣମାନେ ସେମାନଙ୍କ ପାଇଁ ଦୁଆ କରନ୍ତୁ। ଯେପରିକି ମୁଁ ବିଗତ ଖୁତ୍‌ବାରେ ମଧ୍ୟ କହିଥିଲି ଯେ, ଅଲ୍ଲାଃତାଲା ଅତ୍ୟାଚାର ବିରୁଦ୍ଧରେ ପ୍ରକୃତ କାର୍ଯ୍ୟାନୁସରଣ ପ୍ରଦର୍ଶନ କରିବା ନିମନ୍ତେ ସଂସାରକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । କିଛି ଲୋକଙ୍କ ସ୍ୱର ଟିକିଏ ଉଚ୍ଚ ହେବା ଆରମ୍ଭ ହୋଇଛି। ସେମାନେ କଥା ମଧ୍ୟ କରୁଛନ୍ତି ଯେ, ପାଲେଷ୍ଟାଇନ୍‌ବାସୀଙ୍କ ଉପରେ ଅତ୍ୟାଚାର ହେଉଛି । କିନ୍ତୁ ଏପରି ପ୍ରତିତ ହେଉଛି ଯେପରିକି ପାଲେଷ୍ଟାଇନ୍‌ବାସୀମାନେ ଇସ୍ରାଇଲୀୟ ସରକାରଙ୍କ ଠାରୁ ଭୟଭୀତ ଅଛନ୍ତି ଅଥବା ସ୍ୱଭାବତଃ ପଶ୍ଚିମ ଦେଶର ମନରେ ମୁସଲମାନମାନଙ୍କ ବିରୁଦ୍ଧରେ ଯେଉଁ ଘୃଣାଭାବ ରହିଛି ତାହା ଯୋଗୁଁ ଏମାନେ ଏହା ଚାହୁଁଛନ୍ତି ଯେ, ମୁସଲମାନମାନଙ୍କ ଉପରେ ଉକ୍ତ ଅତ୍ୟାଚାର ସମାପ୍ତ ନହେଉ କିମ୍ବା ଯେଉଁ ପ୍ରଚେଷ୍ଟା ହେବା କଥା ତାହା ନହେଉ । ସେହି ଲୋକମାନେ ଏହା ଦେଖୁ ନାହାନ୍ତି ଯେ, ନିରୀହି ପିଲାମାନେ, ଅତ୍ୟାଚାରିତ ମହିଳାମାନେ ଏବଂ ବୃଦ୍ଧ ଲୋକମାନେ ରହିଛନ୍ତି । ଏମାନଙ୍କ ଉପରେ ଅତ୍ୟାଚାର ହେଉଛି । ସେ ଯାହା ହେଉ ଆମେମାନେ ଏମାନଙ୍କ ଉପରେ ବିଶ୍ୱାସ କରିପାରିବୁ ନାହିଁ । କିନ୍ତୁ ପ୍ରୟାସ କରିବା ଉଚିତ୍, ସେମାନଙ୍କୁ ବୁଝାଉଥିବା ଉଚିତ୍ ଏବଂ ଦୁଆ ମଧ୍ୟ କରୁଥିବା ଉଚିତ୍ । ମୁସଲମାନମାନଙ୍କୁ ଅଲ୍ଲାଃତାଲା ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ କି ସେମାନେ ନିଜ ସ୍ୱରକୁ ଉଚ୍ଚ କରନ୍ତୁ ଏବଂ ପ୍ରକୃତ ରୂପେ ସେମାନେ ଏକଜୁଟ୍ ହୋଇ ଉକ୍ତ ଅତ୍ୟାଚାର ବିରୁଦ୍ଧରେ ସ୍ୱରୋତ୍ତୋଳନ କରନ୍ତୁ ଓ ଏହାକୁ ସମାପ୍ତ କରିବା ନିମନ୍ତେ ଉଦ୍ୟମ କରନ୍ତୁ । **ଆମିନ୍ ।**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ୍ ଜୁମା ପରେ ମୁଁ ଦୁଇଟି ନମାଜ୍ ଯନାଜାଃ ଗାଏବ୍ (ଅନୁପସ୍ଥିତ) ପାଠ କରାଇବି । ପ୍ରଥମ ଯନାଜାଃ ହେଲା ଗାଜାର ଶ୍ରୀଯୁକ୍ତ ଶେଖ୍ ଅହେମଦ ହସନ୍ ଅବୁ ସର୍ଦ୍ଦାନା ସାହେବଙ୍କର । ମୁହମ୍ମଦ ଶରୀଫ୍ ଓହଦେ ସାହେବ ତାଙ୍କ ସଂପର୍କରେ ଉଲ୍ଲେଖ କରନ୍ତି ଯେ, ବିଗତ ଦିନରେ ଗାଜାରେ ଇସ୍ରାଇଲ୍ ପକ୍ଷରୁ ହୋଇଥିବା ବୋମାମାଡ଼ରେ ଏହି ବୃଦ୍ଧ ଅହେମଦି ଶେଖ୍ ଅହେମଦ ହୁସେନ୍ ଅବୁ ସର୍ଦ୍ଦାନା ସାହେବ ଶହୀଦ୍ ହୋଇଛନ୍ତି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ସ୍ୱର୍ଗତ ଶେଖ୍ ଅହେମଦ ହସନ୍ ସାହେବ ସାଂପ୍ରତିକ ଗାଜା ଯୁଦ୍ଧରେ ପ୍ରାଣ ହରାଇଥିବା ପ୍ରଥମ ଅହେମଦି ଶହୀଦ୍ ଅଟନ୍ତି । ଶେଖ୍ ଅହେମଦ ଅବୁ ସର୍ଦ୍ଦାନା ସାହେବଙ୍କ ବୟସ ପ୍ରାୟ 94 ବର୍ଷ ବୟସ ଥିଲା । ଆପଣ ଅଲ୍ ଅଜହର୍ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ପ୍ରାପ୍ତ କରିଥିଲେ ଏବଂ ଶିକ୍ଷିତ ବିଦ୍ୱାନ୍‌ମାନଙ୍କ ମଧ୍ୟରୁ ଅନ୍ୟତମ ବିଦ୍ୱାନ୍ ଅଟନ୍ତି । 1970 ମସିହାରେ ସ୍ୱର୍ଗତ ମହୋଦୟ ସାଙ୍ଗମାନଙ୍କ ସହିତ ହାଏଫା ଆସିଥିଲେ। ଯେଉଁ ଦିନ ସେ ହାଏଫା ଆସିଥିଲେ ସେଦିନ ଇଦ୍ ପର୍ବ ଥିଲା । ଅଲ୍ଲାଃତାଲାଙ୍କ ବିଧାନ ଅନୁଯାୟୀ ସ୍ୱର୍ଗତ ଶେଖ୍ ଅହେମଦ୍ ହସନ୍ ସାହେବ ନିଜର ସାଙ୍ଗ ମାନଙ୍କ ସହିତ କବାବିର ପହଞ୍ଚିଲେ । ମୌଲାନା ବଶୀରୁଦ୍ଦୀନ୍ ଉବୈଦୁଲ୍ଲାଃ ସାହେବ ମୁବଲ୍ଲିଗ୍ ସିଲସିଲା ଖୁତବା ଇଦ୍ ସମୟରେ କୁହୁରେ ଇମାମ୍ ମେହଦୀ (ଇମାମ୍ ମେହଦୀଙ୍କ ଆବିର୍ଭୂତ) ଙ୍କ ଚର୍ଚ୍ଚା କଲେ । ଫଳତଃ ସ୍ୱର୍ଗତ ଶେଖ ଶେଖ୍ ଅହେମଦ ହସନ୍ ଅବୁ ସର୍ଦ୍ଦାନାଙ୍କ ରୁଚି ଓ ଆଗ୍ରହ ବଢ଼ିଗଲା । ସେ ସାଙ୍ଗରେ ବସିଥିବା ଅହେମଦି ଆଲାଉଦ୍ଦୀନ୍ ଓହଦେ ସାହେବଙ୍କୁ କହିଲେ, ମୋତେ ମୋର ସ୍ୱର୍ଗତ ପିତାଙ୍କ ଉପଦେଶ ଦେଇଥିଲେ ଯେ, ହେ ଅହେମଦ ! ଯଦି ତୁମକୁ ତୁମ ଜୀବନରେ ଇମାମ୍ ମେହଦୀଙ୍କ ଆଗମନ ସଂପର୍କରେ ସୂଚନା ମିଳେ ତେବେ ତୁମେ ଅବଶ୍ୟ ବୈଅତ୍ କରିନିଅ । ସୁତରାଂ ସେହିଦିନ ସମ୍ମାନନୀୟ ସ୍ୱର୍ଗତ ଶେଖ୍ ଅହେମଦ ଅବୁ ସର୍ଦ୍ଦାନା ସାହେବ ବୈଅତ୍ କଲେ । ତାଙ୍କର ବୈଅତକୁ ଦେଖି ତାଙ୍କର କେତେକ ସାଙ୍ଗମାନେ ମଧ୍ୟ ବୈଅତ୍ କଲେ । ସ୍ୱର୍ଗତ ଶେଖ୍ ଅହେମଦ ଅବୁ ସର୍ଦ୍ଦାନା ସାହେବ ନିଜକ ଅଞ୍ଚଳରେ ଏକ ସମ୍ମାନିତ ବିଦ୍ୱାନ ରୂପେ ସମସ୍ତଙ୍କର ପ୍ରିୟ ପାତ୍ର ଥିଲେ । ତାଙ୍କର କୌଣସି ସନ୍ତାନ ଥିଲେ ଅର୍ଥାତ୍ ସେ ନିଃସନ୍ତାନ ଥିଲେ । କିନ୍ତୁ ତାଙ୍କର ପ୍ରିୟଜନମାନଙ୍କ ମଧ୍ୟରେ କେତେକ ସଦସ୍ୟ ନୈଷ୍ଠିକ ଅହେମଦି ବିଦ୍ୟମାନ ଅଛନ୍ତି । ବୈଅତ୍ କରିବା ପରେ ସ୍ୱର୍ଗତ ଅବୁ ସର୍ଦ୍ଦାନା ସାହେବ ପୂର୍ବବତ୍ କବାବିର ଯାଉଥିଲେ ଏବଂ କବାବିର୍‌ର ଅହେମଦିମାନଙ୍କ ସହିତ ଯୋଗାଯୋଗ ରଖୁଥିଲେ । ଖିଲାଫତ୍‌କୁ ସେ ବହୁତ ଭଲ ପାଉଥିଲେ ଏବଂ ଅନେକ ଥର ସେ ଉକ୍ତ କଥାର ପରିପ୍ରକାଶ କରିଛନ୍ତି ଯେ, ସେ ଜଣେ ପ୍ରକୃତ ଅହେମଦି ଅଟନ୍ତି ।

ପବିତ୍ର କୁରଆନ୍ କରୀମ୍ ସହିତ ତାଙ୍କ ଅସାଧାରଣ ପ୍ରେମ ସଂପର୍କ ରହିଥିଲା । ପ୍ରତ୍ୟେକ ସପ୍ତାହରେ ସେ ଗୋଟିଏ ଥର ପବିତ୍ର କୁରଆନ୍ କରୀମ୍ ସଂପୂର୍ଣ୍ଣ ପାଠ କରୁଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଅବୁ ସର୍ଦ୍ଦାନା ସାହେବ ମୋତେ ଯେଉଁ ସନ୍ଦେଶ ପ୍ରେରଣ କରିଥିଲେ ତାହାର ରେକର୍ଡିଂ ମଧ୍ୟ ରହିଛି । ପାଲେଷ୍ଟାଇନ୍‌ର ପୂର୍ବତନ ବିଚାରକ ଶେଖ୍ ମୁହମ୍ମଦ ହୁସେନ୍ ଅବୁ ସର୍ଦ୍ଦାନା, ସ୍ୱର୍ଗତ ଅହେମଦ୍ ଅବୁ ସର୍ଦ୍ଦାନା ସାହେବଙ୍କ ଭାଇ ଥିଲେ । ତାଙ୍କର ଦ୍ୱିତୀୟ ପତ୍ନି ମଧ୍ୟ ଦୁର୍ଘଟଣାର ଶିକାର ହୋଇ ଆହତ ହୋଇଛନ୍ତି । ଅଲ୍ଲାଃତାଲା ତାଙ୍କୁ ଆରୋଗ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।** ଡକ୍ଟର ଅଜିଜ୍ ସାହେବ ଏଠାରୁ ହ୍ୟୁମାନିଟି ଫାର୍ଷ୍ଟ ଅନ୍ତର୍ଗତ ସେଠାକୁ ଯାଉଥିଲେ । ତାଙ୍କୁ ଅବୁ ସର୍ଦ୍ଦାନା ସାହେବଙ୍କ ସହିତ ସାକ୍ଷାତ୍ କରିବା ଅବସର ପ୍ରାପ୍ତ ହେଉଥିଲା। ସେ କହିଲେ, ମୁଁ ଯେତେବେଳେ ତାଙ୍କୁ ସାକ୍ଷାତ୍ କରିବାକୁ ଗଲି ସେତେବେଳେ ସେ ମୋତେ ସମ୍ମାନ ଜଣାଇବାକୁ ଯାଇ ଛିଡ଼ା ହେବା ପାଇଁ ଚେଷ୍ଟା କଲେ ତେବେ ମୁଁ ତାଙ୍କୁ କହିଲି ଆପଣ ବସନ୍ତୁ । କଷ୍ଟ କରନ୍ତୁ ନାହିଁ । ସେ ଭାବବିହ୍ୱଳ ହୋଇ ନିଜର ଯଷ୍ଟି (ବାଡ଼ି) ଦ୍ୱାରା ସାମାନ୍ୟ touch (ସ୍ପର୍ଶ) କରି ତାଙ୍କୁ କହିବାକୁ ଲାଗିଲେ ଯେ, ତୁମେମାନେ ଖଲିଫତୁଲ୍ ମସିହଙ୍କ ପ୍ରତିନିଧି ଅଟ ଏବଂ ମୋ ସମ୍ମୁଖରେ ଛିଡ଼ା ହୋଇଛ ତେଣୁ ମୁଁ କିପରି ବସି ପାରିବି । ସୁତରାଂ ଆପଣ ଖିଲାଫତ୍‌କୁ ବହୁତ ସମ୍ମାନ ଜଣାଉଥିଲେ । ପୁନଶ୍ଚ ହାତ ଧରି କହିବାକୁ ଲାଗିଲେ ତୁମେମାନେ ଯେଉଁ ପାବନ ଭୂମି ସହିତ ସଂପର୍କ ରଖୁଛ ସେହି ପାବନ ଭୂମିରେ ପ୍ରତିଶୃତ ମସିହ୍ (ମସିହ୍ ମଉଦ ଅ.ସ) ଆସିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସେ ଏବଂ ଖିଲାଫତ୍ ସକାଶେ ତାଙ୍କର ପ୍ରେମ ଏତେ ଅସୀମ ଥିଲା କି ତାଙ୍କୁ ଦେଖି ମୋ ଚକ୍ଷୁ ଲତୋକାପ୍ଲୁତ ହୋଇଗଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ସେ ଡାକ୍ତର ସାହେବଙ୍କ ମାଧ୍ୟମରେ ମୋବାଇଲ୍‌ରେ ନିଜର ଏକ ସନ୍ଦେଶ ମଧ୍ୟ ପ୍ରେରଣ କଲେ। ଉକ୍ତ ସନ୍ଦେଶଟି ମୋ ନାମରେ ଆସିଥିଲା । ସେ କହିଲେ ମୁଁ ହୁଜୁରଙ୍କ ନିମନ୍ତେ ଏକ ସନ୍ଦେଶ ରେକର୍ଡ଼ କରିବାକୁ ଚାହୁଁଛି । ସେହି ସନ୍ଦେଶଟି ଭାଇରାଲ୍ ମଧ୍ୟ ହୋଇଛି। ତାହାର କିଞ୍ଚିତ ଅଂଶ ମୁଁ ଏଠାରେ ଆପଣମାନଙ୍କୁ ଶୁଣାଇ ଦେଉଛି । ସେ ମୋ ନାଁରେ ଯେଉଁ ସନ୍ଦେଶଟି ପ୍ରେରଣ କରିଥିଲେ । ତହିଁରେ ସେ କୁହନ୍ତି ଯେ, "ମୁଁ ଏହି ସାକ୍ଷ୍ୟ ପ୍ରଦାନ କରୁଅଛି ଯେ, ଅଲ୍ଲାଃତାଲଙ୍କ ବ୍ୟତୀତ କେହି ବି ଉପାସ୍ୟ ଯୋଗ୍ୟ ନୁହନ୍ତି ଏବଂ ହ. ମୁହମ୍ମଦ ସ.ଅ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତାବହ ଅଟନ୍ତି। ହେ ଖଲିଫତୁଲ୍ ମସିହ୍ ଖାମିସ୍ ! **ଅସ୍ ସଲାମୁ ଅଲୈକୁମ୍ ଓ ରହେମତୁଲ୍ଲାଃହି ଓ ବରକାତୁହୁ ।** ମୁଁ ପ୍ରତ୍ୟେକ ସପ୍ତାହରେ ପବିତ୍ର କୁରଆନ୍ କରୀମ୍ ସଂପୂର୍ଣ୍ଣ ସମାପ୍ତ କରିଥାଏ ଏବଂ ପ୍ରତ୍ୟେକ ସକାଳ ନମାଜରେ ମୁଁ ଆପଣଙ୍କ ନିମନ୍ତେ ଦୁଆ କରେ ଓ ହେ ମୋର ପ୍ରିୟ ଖଲିଫା ! ଆପଣ ମୋତେ ସହାଯ୍ୟ କରନ୍ତୁ ଏବଂ ମୋତେ ବଞ୍ଚାନ୍ତୁ। ମୁଁ ଆଧ୍ୟତ୍ମିକ ବିପତ୍ତିରେ ପିଡ଼ୀତ ଏବଂ ଆଧାତ୍ମିକ ବିପତ୍ତିର ସମ୍ମୁଖୀନ ହେଉଅଛି। ମୋର ଆଧାତ୍ମିକ ଅବସ୍ଥା ଧର୍ମ ସଂକଟ ଦେଇ ଗତି କରୁଛି । ମୁଁ ଆପଣ ଅ.ବଙ୍କ ପ୍ରତ୍ୟେକ ଆଦେଶ ପାଳନ କରୁଛି । ସଂସାରକୁ ସତ୍ୟ ବ୍ୟତୀତ ଆଉ କାହାର ଆବଶ୍ୟକତା ରହିଛି । ଏଠାରେ ଅଲ୍ଲାଃତାଲାଙ୍କ ମାର୍ଗରେ ଜିହାଦ୍ (ସଂଗ୍ରାମ) କରିବା କଷ୍ଟକର ବ୍ୟାପାର ଅଟେ । କିନ୍ତୁ ମୁଁ ଏଥି ନିମନ୍ତେ ପ୍ରତିଶୃତି ବଦ୍ଧ ବା ସଂକଳ୍ପ ବଦ୍ଧ । ମୁଁ 1948 ମସିହାର ସଂଗ୍ରାମରେ ଅଂଶ ଗ୍ରହଣ କରିଥିଲି । ମୁଁ ତିନୋଟି ସୀମାବର୍ତ୍ତୀ ଯୁଦ୍ଧରେ ଜଣେ କମାଣ୍ଡର (ସେନାପତି) ହିସାବରେ ଦାୟିତ୍ୱ ତୁଲାଇଥିଲି। ସେଠାରେ ମୁଁ ବାସହରା ହୋଇଯାଇଥିଲି । ମୋ ପିତାଶ୍ରୀ ଜଣେ ସୁବିଖ୍ୟାତ ସାଧୁ ଓ ସନ୍ଥ

ସ୍ୱଭାବର ବ୍ୟକ୍ତି ଥିଲେ । ମୋର ଭ୍ରାତା (ଭାଇ) ମୁହମ୍ମଦ୍ ଗାଜାର ମୁଖ୍ୟ ବିଚାରପତି ଥିଲେ । ମୋ ବଂଶରେ ଏପରି ଲୋକ ମଧ୍ୟ ଅଛନ୍ତି ଯେଉଁମାନେ ମୋତେ ବହୁତ ହଇରାଣ ହରକତ୍ କରନ୍ତି । ସେମାନଙ୍କର ସତ୍‌ମାର୍ଗ ଏବଂ ଚାରିତ୍ରିକ ସଂଶୋଧନ ନିମନ୍ତେ ମୋ ପାଇଁ ଟିକିଏ ଦୁଆ କରନ୍ତୁ ହୁଜୁର !"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଅବୁ ସର୍ଦ୍ଦାନା ସାହେବ କହିଲେ, ହୁଜୁର! ଏହି ଜିଲ୍ଲାରେ ମୋର କେବଳ କେଇଟା ସାଥି ଅଛନ୍ତି । ସେ କେତୋଟି ସାଙ୍ଗ ସାଥିମାନଙ୍କର ନାମ ନେଲେ ଯେ, ସେହି ସାଥିମାନେ ମୋର ପୁତ୍ରମାନଙ୍କ ପରି ଅତି ପ୍ରିୟ ଅଟନ୍ତି । ତନ୍ମଧ୍ୟରୁ ତାରିକ୍ ଅବୁ ଦୟ୍ୟା ସାହେବ ନାମକ ଜଣେ ଯୁବକ ଅଟନ୍ତି । ସେ କୁହନ୍ତି ମୋର କୌଣସି ସନ୍ତାନ ନାହାନ୍ତି । ପୁନଶ୍ଚ ଆଗକୁ ଦୁଆ କରି କହିଲେ ଯେ, ଅଲ୍ଲାଃତାଲା ଆପଣଙ୍କ ଉପରେ କଲ୍ୟାଣ ଅବତୀର୍ଣ୍ଣ କରନ୍ତୁ । ମୁଁ ଆପଣଙ୍କର କୃତଜ୍ଞତା ଜ୍ଞାପନ କରୁଛି ଏବଂ ମୁଁ ଆପଣଙ୍କୁ ଏହି ପ୍ରତିଶ୍ରୁତି ଦେଉଛି ଯେ, ପ୍ରଳୟ ଦିବସ ଦିବସ ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ସହିତ ସାକ୍ଷାତ ହେବା ପର୍ଯ୍ୟନ୍ତ ଆପଣ ମୋର ବୈଅତ୍ ସ୍ୱୀକାର କରନ୍ତୁ । ଅର୍ଥାତ୍ ମୁଁ ନିଜ ବୈଅତ୍‌ର ସଂସ୍କରଣ କରୁଅଛି ଓ ମୁଁ ଆପଣଙ୍କୁ ଏହି ଭରସା ଦେଉଅଛି କି ମୁଁ ସତ୍‌ହୃଦୟର ସହିତ ଅହେମଦି ଅଟେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ସେ କୁହନ୍ତି ଯେ, ଅହେମଦିୟତ୍ ଆସ୍ଥା ବ୍ୟତୀତ ମୋର ଅନ୍ୟ କୌଣସି ଆସ୍ଥା ନାହିଁ । କେତେକ ବିରୋଧୀମାନେ କହୁଥିଲେ ଯେ, ଆପଣ ଅହେମଦି ନୁହନ୍ତି । ଖାଲିଟାରେ ନିଜକୁ ଅହେମଦି ବୋଲି ବିଖ୍ୟାତ କରୁଛନ୍ତି । କିନ୍ତୁ ତାଙ୍କର ଉକ୍ତ ରେକର୍ଡ଼ ଏହା ଦର୍ଶାଉଛି ଯେ, ଆପଣ ପ୍ରକୃତରେ ଜଣେ ନୈଷ୍ଠିକ ଅହେମଦି ଅଟନ୍ତି । ଉକ୍ତ ରେକର୍ଡ଼ଟି ସମ୍ମୁଖରେ ରହିଛି । ଏହାପରେ ସେହି ବିରୋଧୀମାନେ ସମ୍ଭବତଃ ନୀରବ ହୋଇଯାଇଥିବେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ । ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ପତ୍ନିଙ୍କୁ ମଧ୍ୟ ଧୈର୍ଯ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଅଲ୍ଲାଃତାଲା ତାଙ୍କର ଦୁଆକୁ ପାଲେଷ୍ଟାଇନ୍‌ବାସୀଙ୍କ ସପକ୍ଷରେ ସ୍ୱୀକାର କରନ୍ତୁ । ସେଠାରେ ଯଥାଶୀଘ୍ର ଶାନ୍ତି ସ୍ଥାପନ ହେଉ ଓ ସେହି ଲୋକମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଉଛି ଉସମାନ୍ ଅହେମଦ ଗାକୋରିୟା ସାହେବଙ୍କର । ଆପଣ କେନିୟାରେ ଅଧିବାସୀ ଥିଲେ । ବିଗତ ଦିନରେ ତାଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ତାଙ୍କର ଜମାଅତୀୟ ସେବାର ସପରମ୍ପରା ଅତି ପୁରୁଣା ଅଟେ । ଉକ୍ତ ସେବାର ପରମ୍ପରାଟି ବହୁ ଦଶନ୍ଧି ପର୍ଯ୍ୟନ୍ତ ପରିବ୍ୟାପ୍ତ । 1932 ମସିହାରେ ଆପଣ ଜନ୍ମ ଗ୍ରହଣ କରିଥିଲେ । 1960 ମସିହାରେ ଜମାଅତ୍ ସହିତ ଆପଣଙ୍କ ପରିଚୟ ହୋଇଥିଲା । ଏତଦ୍‌ପରେ ଆପଣ ଶ୍ରୀଯୁକ୍ତ ସମ୍ମାନନୀୟ ମୌଲାନା ରୌଶନ ଦିନ୍ ସାହେବ ମୁବଲ୍ଲିଗ୍ ଜମାଅତ୍‌ଙ୍କ ମାଧ୍ୟମରେ 1964 ମସିହାରେ ବୈଅତ୍ କଲେ ଏବଂ ଜମାଅତ୍‌ରେ ସାମିଲ୍ ହୋଇଗଲେ । ଆପଣ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ବୈଅତ୍‌ର ଅଙ୍ଗୀକାରକୁ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ସମ୍ପାଦନ କରିଥିଲେ । ଶିକ୍ଷା ବିଭାଗ ସହିତ ଜଡ଼ିତ ରହିଥିଲେ। କେନିୟାର ସ୍ୱାଧୀନତା ପରେ କ୍ୱାଲେ (Kwale) ପଲିଟେକନିକ୍ ବିଦ୍ୟାଳୟର ପ୍ରଥମ ସ୍ଥାନୀୟ ପ୍ରିଂସିପାଲ୍ ଭାବରେ ନିଯୁକ୍ତ ହୋଇଥିଲେ । ସେହିପରି ଅନ୍ୟ ଏକ ପଲିଟେକନିକ୍ ମହାବିଦ୍ୟାଳୟର ପ୍ରଥମ ସ୍ଥାନୀୟ ପ୍ରିଂସିପାଲ୍ ହେବାର ଗୌରବ ମଧ୍ୟ ଅର୍ଜନ କରିଥିଲେ । ଉକ୍ତ କଥାର ଚର୍ଚ୍ଚା ଆପଣ ଅନେକ ସମୟରେ କରୁଥିଲେ। ଶିକ୍ଷା ବିଭାଗ ଅନ୍ତର୍ଗତ ଆପଣ ଉଚ୍ଚ ପଦବୀରେ ଅଧିଷ୍ଠିତ ରହି ଅବସର ନେଇଥିଲେ। ଅନେକ ଜମାଅତ୍‌ର ପୁସ୍ତକଗୁଡ଼ିକର ସୱାହେଲି ଭାଷାରେ ଅନୁବାଦ କରିବାର ସୌଭାଗ୍ୟ ମଧ୍ୟ ଅର୍ଜନ କରିଥିଲେ । ନେରୋବୀ ଜମାଅତ୍‌ର ପ୍ରଥମ ସ୍ଥାନୀୟ ସଦର୍ ହେବାର ମଧ୍ୟ ଗୌରବ ଆପଣ ଅର୍ଜନ କରିଥିଲେ । ସେହିପରି କେନିୟା ଜମାଅତ୍‌ର ପ୍ରଥମ ସ୍ଥାନୀୟ ଓସିୟତ୍‌କାରୀଙ୍କ ମଧ୍ୟରେ ଆପଣ ଗଣ୍ୟ ହୁଅନ୍ତି । ସ୍ୱର୍ଗତ ଅସଂଖ୍ୟ ବିଶିଷ୍ଟ ଗୁଣାବଳୀର ଅଧିକାରୀ ଥିଲେ ଏବଂ ଜଣେ ନୀତିନିଷ୍ଠ ଓ କର୍ମନିଷ୍ଠ ବ୍ୟକ୍ତି ଥିଲେ । ବୟସର ଶେଷାର୍ଦ୍ଧ ଏବଂ ଶେଷ ଭାଗ ପର୍ଯ୍ୟନ୍ତ ନମାଜ ତେହଜ୍ଜୁଦ୍‌ରେ ନିୟମାନୁବର୍ତ୍ତୀ ଥିଲେ । ଚାନ୍ଦା ପୈଠ କରିବାରେ ଆପଣ କେବେ ବି ଅବହେଳା ଏବଂ ଆଳସ୍ୟ ପ୍ରଦର୍ଶନ କରୁ ନଥିଲେ । ମର୍କଜି ମୁବଲ୍ଲିଗିନ୍‌ଙ୍କ ପ୍ରତି ଆପଣଙ୍କ ମନରେ ଆଦର ଓ ସମ୍ମାନ ରହିଥିଲା । ଯଦି କେହି ଅହେମଦି କୌଣସି ମର୍କଜି ମୁବଲ୍ଲିଗଙ୍କ ସଂପର୍କରେ କୌଣସି ଭୁଲ୍ କଥା କହୁଥିଲା ଅବା ଅଭିଯୋଗ କରୁଥିଲା ତେବେ ଆପଣ ତୁରନ୍ତ ତା'କୁ କେବଳ ଅଟକାଇ ଦେଉଥିଲେ ତାହା ନୁହେଁ ବରଂ ଆପଣ ସେହି ବ୍ୟକ୍ତି ଉପରେ କ୍ଷୁବ୍ଧ ହେଉଥିଲେ ଏବଂ ଉକ୍ତ କଥାକୁ ଅପ୍ରିୟ ବୋଲି ମନେ କରୁଥିଲେ । ସେ ସର୍ବଦା ଏହି ଉପଦେଶ ଦେଉଥିଲେ ଯେ, ଦେଖ ! ଆଜି ତୁମକୁ ବିଶ୍ୱାସର ଆଲୋକ ସହିତ ଅବଗତ ଏହି ଲୋକମାନେ ହିଁ ଅବଗତ କରାଇଛନ୍ତି । ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିବାକୁ ତୁମମାନଙ୍କୁ ଯେଉଁ ସାମର୍ଥ୍ୟ ପ୍ରାପ୍ତ ହୋଇଛି ତାହା ଏହି ବ୍ୟକ୍ତିଙ୍କ ଯୋଗୁଁ ସମ୍ଭବପର ହୋଇଛି । ଅନ୍ୟଥା ତୁମେ ତ' ମୂର୍ଖତା ଓ ଅଶିକ୍ଷିତ କଥା ମାତି ଥିଲ । ତେଣୁ ସେହି ଲୋକମାନଙ୍କର ତୁମ ଉପରେ ଏହି ଉପକାର ରହିଛି । ତେଣୁ ତୁମେ ଏପରି କଥା କୁହ ନାହିଁ । ସେ ଯାହା ହେଉ ଏହା ତ' ତାଙ୍କର ଉତ୍ତମ ଚରିତ୍ର ଥିଲା । ସୁତରାଂ ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମମାନଙ୍କର ମୁବଲ୍ଲିଗିନ୍‌ମାନଙ୍କ ପକ୍ଷେ ଏହା ଉଚିତ୍ ହେବ କି ସେମାନେ ସର୍ବୋଚ୍ଚ ସ୍ତର ସ୍ଥାପନ କରନ୍ତୁ ତଥା ସ୍ଥାନୀୟ ଲୋକମାନଙ୍କ ନିମନ୍ତେ ଏକ ଆଦର୍ଶ ହୁଅନ୍ତୁ । ସେହିପରି ହୁଜୁର ଅନ୍‌ୱର୍ ଅ.ବ କହିଲେ. ସ୍ୱର୍ଗତଙ୍କ ମଧ୍ୟରେ ଅତିଥି ସତ୍କାରକର ବିଶେଷ ଗୁଣାବଳୀ ବିଦ୍ୟମାନ ରହିଥିଲା । ଆପଣଙ୍କର ସମସ୍ତ ସନ୍ତାନମାନେ ଜମାଅତ୍ ସହିତ ସଂଶ୍ଳିଷ୍ଟ ଅଛନ୍ତି ଓ କୌଣସି ନା କୌଣସି ରୂପେ ଜମାଅତ୍‌ର ସେବା କରିବାକୁ ସାମର୍ଥ୍ୟ ପାଉଛନ୍ତି । ଆପଣଙ୍କ କନିଷ୍ଠ ପୁତ୍ର ଅବଦୁଲ୍ଲାଃ ଅଜିଜ୍ ଗାକୋର ସାହେ ବର୍ତ୍ତମାନ କେନିୟାର ସଦର୍ ମଜଲିସ୍ ଅନ୍‌ସାରୁଲ୍ଲାଃ ଅଟନ୍ତି।

ହୁଜୁର ଅନ୍‌ୱର୍ ଅ .ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ସ୍ୱର୍ଗତଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ସ୍ୱର୍ଗତଙ୍କର ଆଦର୍ଶ ତଥା ଉଦାହରଣ ଉପରେ ପରିଚାଳିତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । ☆--☆--☆

## ପୃ-2ରେ ବର୍ଣ୍ଣିତ ଖୁତବା ଜୁମା 15-12-2023 ର ଅବଶିଷ୍ଟାଂଶ.....

ମୁଁ ପ୍ରତିଶ୍ରୁତି ରକ୍ଷା କରିବାରେ ସେମାନଙ୍କ ଅପେକ୍ଷା ଅଧିକ ଯୋଗ୍ୟ ବ୍ୟକ୍ତି ଅଟେ । ସୁତରାଂ ଧ୍ୱଜା ହ. ଅଲୀ ର.ଅଙ୍କ ଠାରୁ ନେଇ ଆପଣ ସ.ଅ ମୁସଅବ୍ ବିନ୍‌ଉ ଉମୈର୍ ର.ଅଙ୍କୁ ପ୍ରଦାନ କରିଦେଲେ ।

ତାଙ୍କର ସଂପର୍କ ସେହି ସଂପ୍ରଦାୟ ସହିତ ଥିଲା ଅର୍ଥାତ୍ ବନୁ ଅବଦୁଦ୍ ଦାର ବିନ୍ କସା ସହିତ ଥିଲା । ଯହିଁରେ ସେ କୁରୈଶ୍‌ର ଧ୍ୱଜବାହକ ଥିଲା । ଅର୍ଥାତ୍ କୁରୈଶ୍‌ର ଯେଉଁ ସଂପ୍ରଦାୟର ବ୍ୟକ୍ତି ଧ୍ୱଜା ଧରିଥିଲା ସେହି ସଂପ୍ରଦାୟର ମୁସଲମାନ ବ୍ୟକ୍ତି ହସ୍ତରେ ଆପଣ ସ.ଅ ନିଜର ଧ୍ୱଜା ପ୍ରଦାନ କଲେ । ଉଲ୍ଲେଖକାରୀ ଉଲ୍ଲେଖ କରେ ଯେ, ଇସଲାମ୍ ଧର୍ମ ପୂର୍ବରୁ ଧ୍ୱଜବାହକର ଦାୟିତ୍ୱ ସେହି ବଂଶ ଉପରେ ନ୍ୟସ୍ତ ହୋଇଥିଲା ଅର୍ଥାତ୍ ବନୁ ଅବଦୁଦ୍ ଦାର୍ ଉପରେ । ସେହିପରି ଅଙ୍ଗୀକାର ପାଳନ କରିବାରୁ ଯଥାର୍ଥ କୁସାର ଅଙ୍ଗୀକାର ଅଟେ । ଅର୍ଥାତ୍ ଜାତୀୟ ବିଶ୍ୱସ୍ତତାର ଅଙ୍ଗୀକାର ପାଳନ କରିବା । ତତ୍‌ସଂକ୍ରାନ୍ତରେ ଆପଣ ସ.ଅ କହିଲେ, ଆମେମାନେ ଅଙ୍ଗୀକାର ପାଳକାରୀ ଏବଂ ପ୍ରତିଶ୍ରୁତି ରକ୍ଷାକାରୀ (ଜାତି) ଅଟୁ । ଯାହା ସଂପର୍କରେ ଆପଣ ସ.ଅ କହିଲେ, ଆମେମାନେ ପ୍ରତିଶ୍ରୁତି ରକ୍ଷାକାରୀ ଜାତି ଅଟୁ ଏବଂ ଅଙ୍ଗୀକାର ପାଳନ କାରୀ ଜାତି ଅଟୁ । ସେଦିନ ମୁସଲମାନମାନଙ୍କର ସ୍ଲୋଗାନ ଅମିତ୍ ଅମିତ୍ ଥିଲା । **(ସବଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-190-191, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍) (ଶରହୁଜ୍ ଜର୍କାନୀ, ଭାଗ-2, ପୃ-398 ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ)**

ରସୁଲୁଲ୍ଲାଃ ସ.ଅ ଆତୁରତା, ବିନୀତତା ଓ ବିନମ୍ରତାପୂର୍ବକ ପ୍ରଭୁଙ୍କ ଆସ୍ଥାନରେ ଯୁଦ୍ଧରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ପ୍ରାର୍ଥନା କରୁଥିଲେ । ଇସଲାମୀୟ ସୈନ୍ୟବାହିନୀର ଧାଡ଼ି ମଧ୍ୟରେ ଅନ୍‌ସାରମାନେ ଦକ୍ଷିଣ ପାର୍ଶ୍ୱରେ ଥିଲେ ଏବଂ ବାମ ପାର୍ଶ୍ୱରେ ମଦିନାର ଅନ୍‌ସାରମାନେ ଥିଲେ । ସୈନ୍ୟବାହିନୀର ମଧ୍ୟ ଭାଗରେ ଆପଣ ସ.ଅ ଥିଲେ । ଆପଣ ସ.ଅଙ୍କର କେନ୍ଦ୍ରରେ ଥିଲ ଏବଂ ଦ୍ୱିତୀୟ ଧାଡ଼ିର ଠିକ୍ ପଶ୍ଚାତ୍ ଭାଗରେ ଥିଲା । ପ୍ରଥମ ଧାଡ଼ିର ପଶ୍ଚାତ ଭାଗରେ ଏବଂ ମଧ୍ୟ ଭାଗରେ ଦ୍ୱିତୀୟ ଧାଡ଼ିରେ ଆପଣ ସ.ଅ ଛିଡ଼ା ହୋଇଥିଲେ । ଆପଣ ସ.ଅ ସାହାବାମାନଙ୍କୁ ଆଦେଶ ଦେଇ କହିଥିଲେ କି ମୋ ପକ୍ଷରୁ ଯେପର୍ଯ୍ୟନ୍ତ ଆଦେଶ ପ୍ରାପ୍ତ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ ଆଗକୁ ପାଦ ବଢ଼ାଇବ ନାହିଁ । **(ଗଜ୍‌ୱାତ୍ ୱ ସରାୟା, ଲେଖକ- ଅଲ୍ଲାମୀ ମୁହମ୍ମଦ୍ ଅଜହର୍ ଫରିଦ୍, ପୃ-174, ପ୍ରକାଶନ ସ୍ଥାନ-ଫରିଦିୟା ପ୍ରିଣ୍ଟିଂ ପ୍ରେସ ସାହିୱାଲ୍)**

ସହି ମୁସ୍‌ଲିମରେ ଏକ ବର୍ଣ୍ଣନା ରହିଛି, ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରିମ୍ ସ୍.ଅ ଓହୋଦ୍ ଯୁଦ୍ଧ ଦିନ ଏହି ଦୁଆ କରୁଥିଲେ କି اَللّٰهُمَّ اِنْ تَشَأْ لَا تُعْبَدْ فِي الْاَرْضِ ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭେ ଯଦି ଚାହଁ ତେବେ ଭୂପୃଷ୍ଠରେ ତୁମ୍ଭର ଉପସାନା କରାଯିବ ନାହିଁ । **(ସହି ମୁସ୍‌ଲିମ୍ କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍-ଇସ୍ତିଜାବୁଦ୍ ଦୁଆ, ହଦିସ୍ ନଂ, ପୃ-1743, ପ୍ରକାଶନ ସ୍ଥାନ-ଫରିଦ୍ ପ୍ରିଣ୍ଟିଂ ପ୍ରେସ, ସାହିୱାଲ୍)**

ଅର୍ଥାତ୍ ହେ ପ୍ରଭୁ ! ତୁମ୍ଭ ଯଦି ସାହାଯ୍ୟ ନକଲ ତେବେ ଏହି ଅବସ୍ଥା ହିଁ ହେବ। ଅନ୍ୟ କେତେକ ବର୍ଣ୍ଣନାମାନଙ୍କରେ ଏହା ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ ବଦର୍ ଯୁଦ୍ଧ ଦିନ ଏହି ଦୁଆ କରିଥିଲେ । ସେଠାରେ ମଧ୍ୟ ଉକ୍ତ ଦୁଆର ଚର୍ଚ୍ଚା ହୋଇଥିଲା । ସହି ମୁସ୍‌ଲିମ୍‌ର ବ୍ୟାଖ୍ୟାରେ ଉଲ୍ଲେଖ ରହିଛି ଯେ, ସମ୍ଭବତଃ ଉଭୟ ଅବସରରେ ଆପଣ ସ.ଅ ଉକ୍ତ ଦୁଆ କରିଥିବେ । ଏହା କେତେଦୂର ଯୁକ୍ତିଯୁକ୍ତ ତାହା ଅଲ୍ଲାଃତାଲା ହିଁ ଭଲ ଭାବରେ ଜାଣନ୍ତି । କାରଣ ସେ ଅନ୍ତର୍ଯାମୀ ଅଟନ୍ତି ।

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫକତା ଫି ସବିଲିଲ୍ଲାହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

**(ଅଲ୍ ମିନ୍‌ହାଜ୍, ସହି ମୁସ୍‌ଲିମ୍‌ର ବ୍ୟାଖ୍ୟା, ଲେଖକ-ନୁୱୀ, କିତାବୁଲ୍ ଜିହାଦ୍, ୱସ୍ ସୈର୍ ବାବ୍-ଇସ୍ତିଜାବୁଦ୍ ଦୁଆ, ବିନ୍ ନସ୍‌ରି..........ପୃ-1341, ପ୍ରକାଶନ ସ୍ଥାନ-ଦାରେ ଇବ୍‌ନେ ହିଜମ୍, ବୈରୁତ୍-2002 ମସିହା)**

ହ. ସାଆ୍‌ଦ୍ ବିନ୍ ଅବି ୱକ୍କାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ ର.ଅ କହିଲେ, ତୁମେ ମୋ ସହିତ ଆସ ଆମେ ମିଶି ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରିବା । ସେମାନେ ଗୋଟିଏ ସ୍ଥାନରେ ଆସି ପୃଥକ୍ ହୋଇଗଲେ । ସୁତରାଂ ହ. ସାଆ୍‌ଦ୍ ର.ଅ ଏହିପରି ଦୁଆ ମାଗିଲେ ଯେ, ହେ ଈଶ୍ୱର ! କାଲି ଯେତେବେଳେ ଆମେମାନେ ଶତ୍ରୁ ସହିତ ମୁହାଁମୁହିଁ ହେବୁ ସେତେବେଳେ ତୁମେ ମୋତେ ଶକ୍ତିଶାଳୀ ଯୋଦ୍ଧା ସହିତ ମୁହାଁମୁହିଁ କରାଅ । ମୁଁ ତୁମ୍ଭର ପ୍ରସନ୍ନତା ସକାଶେ ସେହି ଯୋଦ୍ଧା ସହିତ ଲଢିବି ଓ ସେ ମୋ ସହିତ ଲଢିବ । ପୁନଶ୍ଚ ଏତଦ୍‌ପରେ ତୁମ୍ଭେ ମୋତେ ସେହି ଯୋଦ୍ଧା ଉପରେ ବିଜୟ ପ୍ରଦାନ କର । ମୁଁ ତା'ର ବଧ କରିବି ଏବଂ ତା'ର ଜିନିଷ ପତ୍ର ସବୁ ହରଣ କରିନେବି ।

ହ. ଅବ୍‌ଦୁଲ୍ଲାଃ ବିନ୍ ଜହଶ୍ ର.ଅ ଛିଡ଼ା ହେଲେ ଏବଂ ସେ ଏହିପରି ଦୁଆ କଲେ ଯେ, ହେ ଅଲ୍ଲାଃ ! କାଲି ମୁଁ ଏପରି ବ୍ୟକ୍ତି ସହିତ ମୁହାଁମୁହିଁ ହେବି ଯିଏ ଅଧିକ ବଳଶାଳୀ ଓ ବୀର ଯୋଦ୍ଧା ଥିବ । ମୁଁ ତୁମ୍ଭର ପ୍ରସନ୍ନତା ପ୍ରାପ୍ତି ସକାଶେ ସେହି ଯୋଦ୍ଧା ସହିତ ଲଢିବି ଓ ସେ ମୋ ସହିତ ଲଢୁ । ପୁନଶ୍ଚ ସେହି ଯୋଦ୍ଧା ମୋତେ ଧରି ମୋର ନାକ କାନ କାଟି ପକଉ । ପୁନଶ୍ଚ ମୁଁ ଯେତେବେଳେ କାଲି ତୁମ ସହିତ ସାକ୍ଷାତ୍ କରିବି ସେତେବେଳେ ତୁମ୍ଭେ ମୋତେ ପଚାରିବ । ହେ ଭକ୍ତ ! ତୁମ୍ଭର କର୍ଣ୍ଣ ଏବଂ ନାସା କେଉଁ କାରଣରୁ ଛେଦନ ହୋଇଛି ? ତେବେ ମୁଁ ପ୍ରତ୍ୟୁତ୍ତରରେ କହିବି, ହେ ଅଲ୍ଲାଃ ! ତୁମ୍ଭର ଏବଂ ତୁମ୍ଭର ବାର୍ତ୍ତାବହ ରସୁଲୁଲ୍ଲାଃ ସ.ଅଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ମୋର ଏହି ଅବସ୍ଥା ହୋଇଛି । ପୁନଶ୍ଚ ସେହି ଈଶ୍ୱର କହିବେ, ହେ ଭକ୍ତ ତୁମ୍ଭେ ସତ୍ୟ କହିଛି। ହ. ସାଆ୍‌ଦ୍ ବିନ୍ ଅବି ୱକ୍କାସ୍ ର.ଅ କହିଲେ, ହେ ମୋର ସୁପୁତ୍ର ! ଅବ୍‌ଦୁଲ୍ଲାଃ ବିନ୍ ଜହଶ୍‌ଙ୍କର ଦୁଆ ମୋ ଦୁଆ ଅପେକ୍ଷା ଅଧିକ ଉତ୍ତମ ଥିଲା । ମୁଁ ସେହି ଦିନ ସନ୍ଧ୍ୟା ସମୟରେ ଅବ୍‌ଦୁଲ୍ଲାଃଙ୍କୁ ଦେଖିଲି ଯେ, ତାଙ୍କ କାନ, ନାକ ଏକ ସୂତା ସାହାଯ୍ୟରେ ଓହଳି ରହିଛି । ଅର୍ଥାତ୍ ଶତ୍ରୁ ତାଙ୍କର ମୁସ୍‌ଲା କରିଥିଲା ଅର୍ଥାତ୍ ବିପରୀତ ପାର୍ଶ୍ୱରୁ କାନ, ନାକ ଆଖି ଆଦି ଅଙ୍ଗ ପ୍ରତ୍ୟଙ୍ଗକୁ ଛେଦନ କରି ବିକୃତ କରିଦେଇଥିଲା । **(ମୁସ୍ତଦ୍‌ରିକ୍, ଅଲସ୍ ସହିଈନ୍, କିତାବୁଲ୍ ଜିହାଦ୍, ହଦିସ୍ ନଂ-2409, ଭାଗ-3, ପୃ-907, ମକ୍‌ତବା ନିଜାର ମୁସ୍ତଫା ରିୟାଜ୍-2000 ମସିହା)**

ଅବ୍‌ଦୁଲ୍ଲାଃ ବିନ୍ ଉମର୍ ବିନ୍ ହେରାମ୍ ର.ଅ ବର୍ଣ୍ଣନା କଲେ ଯେ, ମୁଁ ୱହୋଦ୍ ଯୁଦ୍ଧରୁ ଗୋଟିଏ ଦିନ ପୂର୍ବରୁ ସ୍ୱପ୍ନରେ ମୁବଶ୍ଶିର୍ ବିନ୍ ଅବ୍‌ଦୁଲ୍ ମୁନ୍‌ଜରଙ୍କୁ ଦେଖିଲି । ସେହି ଦୁଇଜଣ ବ୍ୟକ୍ତି ଯେଉଁ ଦୁଆ କରିଥିଲେ ତାହା ସ୍ୱୀକୃତ ହୋଇଯାଇଛି । ଜଣେ ଶତ୍ରୁ ଉପରେ ବିଜୟ ଲାଭ କଲା ଓ ଅନ୍ୟ ଜଣେ ମଧ୍ୟ ଶତ୍ରୁ ସହିତ ଭଲ ଭାବରେ ଯୁଦ୍ଧ କଲା ଏବଂ ସର୍ବଶେଷରେ ବୀରଗତି ପ୍ରାପ୍ତ କଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ ଘଟଣାଟି ହେଉଛି ସେହି ଦୁଜଣ ବ୍ୟକ୍ତିଙ୍କର ଘଟଣା ଅଟେ ।

ପୁନଶ୍ଚ ଉଲ୍ଲେଖ ରହିଛି ଯେ, ଅବ୍‌ଦୁଲ୍ଲାଃ ବିନ୍ ଉମର୍ ବିନ୍ ହରାମ୍ ର.ଅ ବର୍ଣ୍ଣନା କଲେ ଯେ, ମୁଁ ୱହୋଦ୍ ଯୁଦ୍ଧରୁ ଗୋଟିଏ ଦିନ ପୂର୍ବେ ସ୍ୱପ୍ନରେ ମୁବଶ୍ଶିର ବିନ୍ ଅବ୍‌ଦୁଲ୍ ମୁନ୍‌ଜର୍ ର.ଅଙ୍କୁ ଦେଖିଲି । ସେ ବଦର୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ସେ ମୋତେ କହୁଥିଲେ କି ଆପଣ ଆଉ କେଇଟା ଦିନରେ ଆମମାନଙ୍କ ନିକଟକୁ ଆସିଯିବେ । ମୁଁ ପଚାରିଲି ଆପଣ କେଉଁଠି ଅଛନ୍ତି ? ସେ ଉତ୍ତର ଦେଲେ, ମୁଁ ବୈକୁଣ୍ଠ ପୁରରେ ଅଛି । ମୁଁ ଉକ୍ତ ବୈକୁଣ୍ଠ ପୁରରରେ ଯେଉଁଠି ଚାହୁଁଛି ସେଇଠି ବିଚରଣ (ବୁଲୁଛି) କରୁଛି । ମୁଁ (ଅବ୍‌ଦୁଲ୍ଲାଃ ବିନ୍ ଉମର୍) ତାଙ୍କୁ ଅର୍ଥାତ୍ ମୁବଶ୍ଶିରଙ୍କୁ କହିଲି, ହେ ମୁବଶ୍ଶିର୍ ! ଆପଣ କ'ଣ ବଦର୍ ଯୁଦ୍ଧ ଦିନ ଶହୀଦ୍ ହୋଇଯାଇଥିଲେ? ମୁବଶ୍ଶିର୍ କହିଲେ, ହଁ । ମୋତେ ପୁନଶ୍ଚ ଜୀବିତ କରି ଦିଆଯାଇଛି । ଉକ୍ତ ସ୍ୱପ୍ନର ଚର୍ଚ୍ଚା ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ଯେତେବେଳେ ନବୀ କରୀମ୍ ସ.ଅଙ୍କ ନିକଟରେ କଲେ ସେତେବେଳେ ଆପଣ ସ.ଅ କହିଲେ, ହେ ଅବୁ ଜାବିର୍ ! ଉକ୍ତ ସୂଚନାଟି ଶାହାଦତ୍‌ର ଶୁଭ ସୂଚନା ଅଟେ । **(ମୁସ୍ତଦ୍‌ରିକ୍, ଅଲସ୍ ସହିଈନ୍, କିତାବ୍ ମାଆରିଫତୁସ୍ ସହାବା, ହଦିସ୍ ନଂ-4979, ଭାଗ-3, ପୃ-413, ଦାରୁଲ୍ ଫିକର୍ ବୈରୁିତ୍-2002 ମସିହା)** **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-75, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ସୁତରାଂ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆପଣ ର.ଅଙ୍କ ପିତାଶ୍ରୀ ୱହୋଦ୍ ଯୁଦ୍ ଧ ଦିନ ଶହୀଦ୍ ହୋଇଥିଲେ । **(ମାଆରିଫତୁସ୍ ସାହାବା, ଲଅବି ନଇମ୍, ଭାଗ-3, ପୃ-194, ବର୍ଣ୍ଣନା ସଂଖ୍ୟା-4536, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଏହାର ସବିଶେଷ ବିବରଣୀରେ ଏହା ଉଲ୍ଲେଖ ରହିଛି ଯେ, ଅବିଶ୍ୱାସକାରୀମାନେ ସବ୍‌ଖା ନାମକ ସ୍ଥାନରେ ଧାଡ଼ି ବାନ୍ଧିଲେ ଏବଂ ଯୁଦ୍ଧ ନିମନ୍ତେ ଭଲ ଭାବରେ ପ୍ରସ୍ତୁତ ହେଲେ । ସେମାନେ 3000 ସଂଖ୍ୟକ ଥିଲେ, ସେମାନଙ୍କ ନିକଟରେ ଅଶ୍ୱ ରହିଥିଲା, ସେହି ଅଶ୍ୱମାନେ ଆଗରେ ରହିଥିଲେ । ପୁନଶ୍ଚ ସେମାନଙ୍କ ଅଶ୍ୱର ବାମ ପାର୍ଶ୍ୱରେ ଖାଲିଦ୍ ବିନ୍ ୱଲିଦ୍ ଓ ଦକ୍ଷିଣ ପାର୍ଶ୍ୱରେ ଇକ୍ରମା ବିନ୍ ଅବୁ ଜହଲ୍‌କୁ ନିଯୁକ୍ତ କରାଯାଇଥିଲା । ପଦାତିକ ସୈନ୍ୟ ନିମନ୍ତେ ସେମାନେ ସଫ୍‌ୱାନ୍ ବିନ୍ ଉମୈୟାହ୍‌କୁ ଓ ଅନ୍ୟ କେତେକ କହିଲେ, ଉମର୍ ବିନ୍ ଆସ୍‌କୁ ପଦାତିକଙ୍କ ଉପରେ ନିଯୁକ୍ତ କରାଯାଇଥିଲା । ଅବ୍‌ଦୁଲ୍ଲାଃ ବିନ୍ ଅବି ରବିୟାହକୁ ଧନୁର୍ଦ୍ଧର ଉପରେ ନିଯୁକ୍ତ କରାଯାଇଥିଲା । ଏହି ସମସ୍ତ ଲୋକମାନେ ପରବର୍ତ୍ତୀ ସମୟରେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ । ସେ ଧ୍ୱଜା ତଲ୍‌ହା ବିନ୍ ଅବି ତଲ୍‌ହାକୁ ଦେଲେ ଯିଏ ଅବ୍‌ଦୁଦ୍ ଦାର୍ ସଂପ୍ରଦାୟରୁ ଅନ୍ୟତମ ବ୍ୟକ୍ତି ଥିଲା । ଆଁହଜରତ ସ.ଅ ଯେଉଁ କଥା କହିଥିଲେ କି ସେ ଉକ୍ତ ଧ୍ୱଜା ଧରିବାର ଆମମମାନଙ୍କ ଅପେକ୍ଷା ଅଧିକ ଯୋଗ୍ୟ ବ୍ୟକ୍ତି ଅଟନ୍ତି। ଏହାର ବିସ୍ତୃତ ବିବରଣୀ ସଂପର୍କରେ ଏଠାରେ କିଛି ବର୍ଣ୍ଣିତ ହୋଇଛି । ତଲ୍‌ହା ବିନ୍ ଅବି ତଲ୍‌ହାକୁ ଧ୍ୱଜା ଦେଲେ ଯିଏ ବନୁ ଅବଦ୍ଦୁଦ୍ ଦାର୍ ସଂପ୍ରଦାୟ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲା । ଅବୁ ସୁଫିୟାନ୍ ବନୁ ଅବଦ୍ଦୁଦ୍ ଦାର୍‌ର ଧ୍ୱଜହବାହକମାନଙ୍କୁ ଉତ୍ତେଜିତ ଓ କ୍ରୁଦ୍ଧ କରି କହିଲା, ହେ ବନୁ ଅବ୍‌ଦୁଦ୍ ଦାର୍ ! ତୁମେମାନେ ବଦର୍ ଯୁଦ୍ଧ ଦିନ ମଧ୍ୟ ଆମର ଧ୍ୱଜା ଧରିଥିଲ । ତେଣୁ ଆମର ଯେଉଁ ଅବସ୍ଥା ହୋଇଥିଲା ତାହା ତୁମେମାନେ ଅବଲୋକନ କରି ସାରିଛ । ତୁମେମାନେ ତତସଂପର୍କରେ ଭଲ ଭାବରେ ଜ୍ଞାତ ଅଛି ।

ହୁଜୁର ଅନୱର୍ ଅ.ବ କହିଲେ, ଲୋକମାନଙ୍କର ଯୁଦ୍ଧର ନିର୍ଣ୍ଣୟ ସେମାନଙ୍କ ଧ୍ୱଜବାହକଙ୍କ ଯୋଗୁଁ ହିଁ ହୋଇଥାଏ । ଧ୍ୱଜବାହକ ବା ଧ୍ୱଜାଧାରୀ ବ୍ୟକ୍ତି ଯଦି ଶକ୍ତିଶାଳୀ ହୁଏ ତେବେ ଲୋକମାନଙ୍କ ମଧ୍ୟରେ ଉତ୍ସାହ ଓ ସାହାସ ରହିଥାଏ । ସେହି ଧ୍ୱଜବାହକମାନେ ଯେତେବେଳେ ପଳାୟନ କରନ୍ତି ସେତେବେଳେ ଲୋକମାନେ ମଧ୍ୟ ପଳାୟନ କରନ୍ତି । ସୁତରାଂ ଧ୍ୱଜା ଧରିଥିବା ବ୍ୟକ୍ତି ଯଦି ପଳାୟନ କରେ ତେବେ ଲୋକମାନେ ମଧ୍ୟ ଭୟଭୀତ ହୋଇ ପଳାୟନ କରିଥାଆନ୍ତି । ସୁତରାଂ ତୁମେମାନେ ଆମମାନଙ୍କର ଧ୍ୱଜା ଧର ନଚେତ୍ ଆମମାନଙ୍କ ମାର୍ଗରୁ ହଟିଯାଅ। ଆମେମାନେ ତୁମମାନଙ୍କ ପାଇଁ ଯଥେଷ୍ଟ ହୋଇଯିବୁ । ଅବୁ ସୁଫିୟାନ ସେମାନଙ୍କୁ ଉତ୍ତେଜିତ କରିବା ନିମନ୍ତେ ଉଦ୍ୟମ କଲା । ତେବେ ସେମାନେ କହିଲେ, ହେ ଅବୁ ସୁଫିୟାନ୍ ! ଆମେ ନିଜର ଧ୍ୱଜାକୁ କ'ଣ ତୁମ ହସ୍ତରେ ଟେକିଦେବୁ ଅର୍ଥାତ୍ ହସ୍ତାନ୍ତର କରିଦେବୁ କି ? ଆମମାନଙ୍କ ସହିତ ଯେତେବେଳେ ତୁମେମାନେ ମୁହାଁମୁହିଁ ହେବ ସେତେବେଳେ ତୁମେମାନେ ଜାଣିନେବ ଯେ, ଆମେମାନେ କ'ଣଟା କରିପାରୁଛୁ ? **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-191 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ସର୍ବ ଶେଷରେ କୁରୈଶ୍‌ର ମହିଳାମାନଙ୍କ ଶିବିର ରହିଥିଲା ଯେଉଁମାନେ ଅହରହ ଢୋଲ ବାଦ୍ୟ ବଜାଇ ବଦର୍ ଯୁଦ୍ଧରେ ନିହତ ହୋଇଥିବା କୁରୈଶ୍‌ମାନଙ୍କର ଚର୍ଚ୍ଚା କରି ଯୋଦ୍ଧାମାନଙ୍କୁ ଉତ୍ତେଜିତ ଓ ଉସ୍‌କାଉଥିଲେ । ସେହି ମହିଳାମାନେ ପୂର୍ବ ପରାଜୟର କ୍ଷତିପୂରଣ ଓ ପ୍ରତିଶୋଧ ନେବା ନିମନ୍ତେ ନିଜର ସୈନ୍ୟବାହିନୀକୁ ଉତ୍ସାହିତ କରୁଥିଲେ । **(ଦାଏରାହ୍ ମାଆରିଫ୍ ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-6, ପୃ-470)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଏହାର ବିସ୍ତୃତ ବିବରଣୀ ସିରତ୍ ଖାତମୁନ୍ ନବୀୟିନ୍‌ରେ ଉଲ୍ଲେଖ କରନ୍ତି: "ଆଁହଜରତ ସ.ଅ ନିଜର ପଶ୍ଚାତ୍ ଭାଗକୁ ସଂପୂର୍ଣ୍ଣ ରୂପେ ଦୃଢୀଭୁତ କରି ଇସ୍‌ଲାମୀୟ ସୈନ୍ୟବାହିନୀର ଧାଡ଼ି କରିଥିଲେ ଏବଂ ବିଭିନ୍ନ ସୈନ୍ୟ ଟୁକୁଡ଼ିରେ ପୃଥକ୍ ପୃଥକ୍ ଅମୀର (ସେନାମୁଖ୍ୟ) କରି ନିଯୁକ୍ତ କିରଥିଲେ। ଇତ୍ୟବସରରେ ଆପଣ ସ.ଅଙ୍କୁ ଏହି ସୂଚନା ପ୍ରଦାନ କରାଗଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କୁରୈଶୀୟ ସୈନ୍ୟ ବାହିନୀର ଧ୍ୱଜା ତଲ୍‌ହା ହସ୍ତରେ ରହିଛି । ତଲ୍‌ହା ସେହି ବଂଶ ସହିତ ସଂପର୍କ ରଖିଥିଲା ଯିଏ କୁରୈଶ୍‌ର ବରିଷ୍ଠ ପୂର୍ବଜ କୁସ୍ସୈନ୍ କିଲାବ ଦ୍ୱାରା ପ୍ରତିଷ୍ଠିତ ବ୍ୟବସ୍ଥା ଅନୁଯାୟୀ ଯୁଦ୍ଧରେ କୁରୈଶ୍‌ର ଧ୍ୱଜବାହକର କର୍ତ୍ତବ୍ୟ ସମ୍ପାଦାନକାରୀ ବ୍ୟକ୍ତି ଥିଲା । ଉକ୍ତ କଥାକୁ ଜାଣିବା ପରେ ଆପଣ ସ.ଅଙ୍କୁ ଯେତେବେଳେ ଉକ୍ତ ସୂଚନା ମିଳିଲା ସେତେବେଳେ ଆପଣ ସ.ଅ କହିଲେ, "ଆମେମାନେ ଜାତୀୟ ବିଶ୍ୱସ୍ତତା ପ୍ରଦର୍ଶନ କରିବାର ସର୍ବାଧିକ ଯୋଗ୍ୟ ବ୍ୟକ୍ତି ଅଟୁ । ସୁତରାଂ ଆପଣ ସ.ଅ ହ. ଅଲୀ ର.ଅଙ୍କ ଠାରୁ ପ୍ରବାସକାରୀଙ୍କ ଧ୍ୱଜା ନେଇ ମୁସ୍‌ଅବ୍ ବିନ୍ ଉମୈର୍ ର.ଅଙ୍କୁ ହସ୍ତାନ୍ତର କରିଦେଲେ । ମୁସ୍‌ଅବ୍ ବିନ୍ ଉମୈର୍ ସେହି ବଂଶର ଜଣେ ସଦସ୍ୟ ଥିଲା ଯାହା ସହିତ ତଲ୍‌ହା ସଂପର୍କ ରଖୁଥିଲା। ଅନ୍ୟ ପଟରେ କୁରୈଶ୍‌ଙ୍କ ସୈନ୍ୟବାହିନୀ ମଧ୍ୟରେ ଧାଡ଼ି ହୋଇା ସାରିଥିଲା । ଅବୁ ସୁଫିୟାନ୍ ସୈନ୍ୟବାହିନୀର ସେନା ପ୍ରମୁଖ ଥିଲା ଅର୍ଥାତ୍ ସେନାପତି ଥିଲା । ବାମ ପାର୍ଶ୍ୱରେ ଖାଲିଦ୍‌ା ବିନ୍ ୱଲିଦ୍ ସେନାପତି ଥିଲା ଏବଂ ଦକ୍ଷିଣ ପାର୍ଶ୍ୱରେ ଇକ୍ରମା ବିନ୍ ଅବୁ ଜହଲ୍ ଥିଲା । ଧନୁର୍ଧରମାନେ ଅବଦୁଲ୍ଲାଃ ବିନ୍ ରବିୟାହ୍‌ର ସେନାପତିତ୍ୱ ଅଧୀନ ଥିଲେ । ମହିଳାମାନେ ସୈନ୍ୟବାହିନୀ ପଛରେ ଢୋଲ ବଜାଇ ଏବଂ କବିତା ପାଠ କରି କରି ପୁରୁଷମାନଙ୍କୁ ଉତ୍ତେଜିତ କରୁଥିଲେ ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-488)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଯେତେବେଳେ ଉଭୟ ସୈନ୍ୟବାହିନୀଙ୍କ ଧାଡ଼ି ସଳଖ ହେଉଥିଲା ସେତେବେଳେ ଅବୁ ସୁଫିୟାନ୍ ଅନ୍‌ସାରୀ ମୁସଲମାନମାନଙ୍କୁ ଡ଼ାକି କହିଲା, ହେ ୱସ୍ ଓ ଖଜ୍‌ରଜ୍ ଦଳ ! ତୁମେମାନେ ଆମ ଓ ଆମ ବଂଶର ଲୋକମାନଙ୍କ ମଧ୍ୟରୁ ହଟିଯାଅ । ତୁମ ସହିତ ଆମର କୌଣସି ସଂପର୍କ ଓ ଶତ୍ରୁତା ନାହିଁ । ତୁମେମାନେ ଆମ ପାଇଁ ଅଲୋଡ଼ା ଅଟ । ପ୍ରତ୍ୟୁତ୍ତରରେ ଅନ୍‌ସାରମାନେ ଅବୁ ସୁଫିୟାନ୍‌କୁ ବହୁତ ଭର୍ତ୍ସନା, ନିନ୍ଦା କଲା ଏବଂ ତାଙ୍କ ଉପରେ ଅଭିଶାପ ପକାଇଲା। **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-303, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ, ବୈରୁତ୍)**

ଯୁଦ୍ଧର ପ୍ରାରମ୍ଭ ହେଲା । ଯୁଦ୍ଧର ପ୍ରାରମ୍ଭ ନିମନ୍ତେ ସର୍ବ ପ୍ରଥମେ ଅବୁ ଆମିର୍ ଫାସିକ୍ କଲା । ତାକୁ ଅଶିକ୍ଷିତ ଯୁଗରେ ଜ୍ୟୋତିଷ ନାଁରେ ଡ଼କା ଯାଉଥିଲା ।

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 12 SEPTEMBER 2024 Issue No. - 37

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ରସୁଲୁଲ୍ଲାଃ ସ.ଅ ତା'ର ନାମ ଫାସିକ୍ ରଖିଥିଲେ । ଉକ୍ତ ବ୍ୟକ୍ତି ଜଣ ମଦିନାରୁ ମକ୍କାକୁ ଚାଲି ଆସିଥିଲା । ଉକ୍ତ ବ୍ୟକ୍ତି ଜଣକ କୁରୈଶ୍‌ଙ୍କୁ କହୁ ଥିଲା, ମୁଁ ଯେତେବେଳେ ନିଜର ଜାତି ଭାଇଙ୍କ ସହିତ ଯାଇ ମିଶିଯିବି ସେତେବେଳେ ସମସ୍ତ ଜାତି ମୋ ସହିତ ହୋଇଯିବ । ତା'କୁ ଏହି ଭ୍ରମ ଲାଗିଥିଲା ଯେ, ଯେତେବେଳେ ମୁଁ ତୁମ ସହିତ ସେଠାକୁ ଯିବି ଓ ମୁଁ ନିଜର ନାଁ ଧରିବି ସେତେବେଳେ ଅନ୍‌ସାରମାନେ ମୁସଲମାନମାନଙ୍କୁ ଛାଡ଼ି ମୋ ସହିତ ଚାଲି ଆସିବେ । ହୁଜୁର ଅନ୍‌ୱର ଅ.ବ କହିଲେ, ସେ ଯାହା ହେଉ ନିଜ ଜାତିର 50 ଜଣ ଲୋକଙ୍କ ସହିତ ସେ ପ୍ରକଟ ହେଲା। ତା' ସଂପର୍କରେ ଏହା କୁହାଯାଏ ଯେ, 15 ଜଣ ଲୋକମାନେ ତା' ସହିତ ମକ୍କା ଚାଲିଗଲେ ଏବଂ ଅନ୍ୟମାନେ ବିଭିନ୍ନ ସଂପ୍ରଦାୟ ସହିତ ଏକତ୍ରିତ ହେଲେ ଏବଂ ମକ୍କାବାସୀଙ୍କ ସେମାନେ ଗୋଲାମ୍ (ଦାସ) ଥିଲେ । ସେ ଏହି ଡାକ ମାରିଲା ଯେ, ହେ ଔସ୍ ଗୋଷ୍ଠୀ ! ମୁଁ ଅବୁ ଆମିର୍ ଅଟେ । ତେବେ ପ୍ରତ୍ୟୁତ୍ତରରେ ଅନ୍‌ସାରମାନେ କହିଲେ, ହେ ଫାସିକ୍ (ଦୁରାଚାରୀ) ! ଅଲ୍ଲାଃତାଲା ତୋର ଚକ୍ଷୁକୁ ଶୀତଳ ନକରନ୍ତୁ। ସେ ଯେତେବେଳେ ଅନ୍‌ସାରମାନଙ୍କର ଉକ୍ତ ଉତ୍ତରକୁ ଶୁଣିଲା ସେତେବେଳେ କହିଲା, ତୁମେମାନେ ମୋ ପରେ ମୋ ଜାତିର ଅନିଷ୍ଟ ସାଧନ କରିବ । ପୁନଶ୍ଚ ଏତଦ୍‌ପରେ ସେ ଅତ୍ୟନ୍ତ ଭୟଙ୍କର ଯୁଦ୍ଧ କଲା ଏବଂ ସେମାନଙ୍କ ଉପରକୁ ପଥର ଫିଙ୍ଗିବାକୁ ଲାଗିଲା । **(ଅସ୍ ସିରତୁନ୍ ନବ୍‌ୱିୟାହ୍ ଲିଇବ୍‌ନେ ହିଶ୍ଶାମ୍, ପୃ-525, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-191 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ଅବୁ ଆମିରଙ୍କ ସୁପୁତ୍ର ହ. ହନ୍‌ଜଲା ର.ଅ ମୁସଲମାନମାନଙ୍କ ପକ୍ଷରୁ ଉକ୍ତ ଯୁଦ୍ଧରେ ଅଂଶ ଗ୍ରହଣ କରିଥିଲେ । ସେ ମୁସଲମାନ ହୋଇ ଯାଇଥିଲେ ଏବଂ ସେ ରସୁଲ୍ କରୀମ୍ ସ.ଅଙ୍କ ଠାରୁ ଅନୁମତି ଲୋଡ଼ିଲେ ଯେ, ନିଜ ପିତାଙ୍କୁ ସେ ସ୍ୱୟଂ ହତ୍ୟା କରିବେ । କିନ୍ତୁ ରସୁଲ୍ କରୀମ୍ ସ.ଅ ତାଙ୍କୁ ଏପରି କରିବାରୁ ବାରଣ କରିଦେଲେ । ଅର୍ଥାତ୍ ଅନୁମତି ପ୍ରଦାନ କଲେ ନାହିଁ ଆପଣ ସ.ଅ । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-327, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ, ବୈରୁତ୍)**

ବର୍ତ୍ତମାନ ଏହା ଯୁଦ୍ଧ ପରିସ୍ଥିତି ଅଟେ । ଏହା ସତ୍ତ୍ୱେ ଆପଣ ସ.ଅ ଚୈତନ୍ୟାବସ୍ଥା ମଧ୍ୟ ବଜାୟ ରଖିବା ନିମନ୍ତେ ଏହା କହିଲେ ଯେ, ନା, ତୁମେ ଏପରି କାର୍ଯ୍ୟ କରିବ ନା ହିଁ ତୁମ ପିତାକୁ ଆଉ କିଏ ବଧ କରିବ । ସୁତରାଂ ଅବୁ ଆମିର୍ ର.ଅଙ୍କ ପରେ ଅବିଶ୍ୱାସକାରୀମାନଙ୍କ ପକ୍ଷରୁ ଜଣେ ବ୍ୟକ୍ତି ଯେକି ଓଟ ଉପରେ ଆରୋହଣ ହୋଇଥିଲା ସେ ଯୁଦ୍ଧ ଭୂମିକୁ ବାହାରି ଆସିଲା ଏବଂ ଯୁଦ୍ଧ ପାଇଁ ଆହ୍ୱାନ ଦେଲା। ଲୋକମାନେ ତା' ଆଡ଼କୁ ଧ୍ୟାନ ଦେଲେ ନାହିଁ । ଏପର୍ଯ୍ୟନ୍ତ କି ସେ ତିନି ଥର ଯୁଦ୍ଧ ନିମନ୍ତେ ଆହ୍ୱାନ ଜଣାଇଲା । ତେବେ ହ. ଜୁବୈର୍ ର.ଅ ବାହାରି ତା' ଆଡ଼କୁ ଆଗ୍ରସର ହେଲେ ଏବଂ ହଠାତ୍ କ୍ଷିପ୍ର ବେଗର ଲମ୍ଫ ମାରି ଓଟ ଉଚ୍ଚତାରେ ପହଞ୍ଚି ତା'ର ବେକ ଧରି ପକାଇଲେ । ପୁନଶ୍ଚ ଦୁହେଁ ଓଟ ଉପରେ ବସି ଶକ୍ତି ପ୍ରଦର୍ଶନ ଓ ଶକ୍ତି ପରୀକ୍ଷା କଲେ । ଆଁହଜରତ ସ.ଅ କହିଲେ, ସେମାନଙ୍କ ମଧ୍ୟରୁ ଯିଏ ବି ପ୍ରଥମେ ଭୂମିକୁ ସ୍ପର୍ଶ କରିବ ସେ ହିଁ ନିହତ ହୋଇଯିବ । ଠିକ୍ ସେତିକି ବେଳେ ସେହି ଅବିଶ୍ୱାସାକାରୀ ଓଟ ଉପରୁ ତଳକୁ ଖସି ପଡ଼ିଲା ଏବଂ ତା'ଉପରେ ଜୁବୈର୍ ର.ଅ ପଡ଼ିଗଲେ । ସେ ତୁରନ୍ତ ସେହି ମୁସରିକ୍ ଅର୍ଥାତ୍ ଈଶ୍ୱରଙ୍କ ସହିତ ସମକକ୍ଷ କରୁଥିବା ଅବିଶ୍ୱାସକାରୀ ବ୍ୟକ୍ତିର ବଧ କରିଦେଲେ । ଏହା ଦେଖି ଆଁହଜରତ ସ.ଅ ହ. ଜୁବୈର୍ ର.ଅଙ୍କ ପ୍ରଶଂସା କଲେ ଏବଂ କହିଲେ, ପ୍ରତ୍ୟେକ ଅବତାରଙ୍କ ସହାୟକ ଜଣେ ଜଣେ ସହାୟକ ଶିଷ୍ୟ ହୋଇଥାଆନ୍ତି । ମୋର ସହାୟକ ଶିଷ୍ୟ ହେଉଛନ୍ତି ଜୁବୈର୍ । ଆପଣ ସ.ଅ ପୁନଶ୍ଚ କହିଲେ, ମୁସ୍‌ରିକ୍‌ର ମୁକାବିଲା କରିବା ନିମନ୍ତେ ଜୁବୈର୍ ଯଦି ବାହାରି ନଥାଆନ୍ତେ ତେବେ ମୁଁ ସ୍ୱୟଂ ମୁସ୍‌ରିକ୍‌ର ମୁକାବିଲା କରିବା ନିମନ୍ତେ ବାହାରି ଥାଆନ୍ତି । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-303, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ, ବୈରୁତ୍)**

ଲୋକମାନେ ଯେତେବେଳେ ମୁହାଁମୁହିଁ ହେଲେ ଓ ପରସ୍ପରର ନିକଟବର୍ତ୍ତୀ ହେଲେ ସେତେବେଳେ ହିନ୍ଦ୍ ବିନତ୍ ଉତ୍‌ବା ମହିଳାମାନଙ୍କ ସହିତ ଛିଡ଼ା ହୋଇଗଲା। ସେହି ମହିଳାମାନେ ଢୋଲ ବଜାଇବାକୁ ଲାଗିଲେ । ହିନ୍ଦ୍ କବିତା କହିଲା । ହେ ବନୁ ଅବ୍‌ଦୁଦ୍ ଦାର୍ ଦେଖ ! ହେ ନିଜର ପଶ୍ଚାତ ଭାଗକୁ ସୁରକ୍ଷା ପ୍ରଦାନକାରୀ ସୈନ୍ୟଦଳ ! ଆଗକୁ ଅଗ୍ରସର ହୁଅ ଏବଂ ଭଲ ଭାବରେ ଖଡ୍‌ଗ ପ୍ରଦର୍ଶନ କର। ଆମେମାନେ ସମ୍ମାନସ୍ପଦ ଲୋକମାନଙ୍କର କନ୍ୟା ଅଟୁ । ସେହି ମହିଳାମାନେ ଗାଇବା ସ୍ୱରରେ ଉକ୍ତ କବିତା ଗାନ କରୁଥିଲେ ଯେ,"ଆମେମାନେ ଅତ୍ୟନ୍ତ କୋମଳ ଗାଲିଚା ଉପରେ ଚାଲୁଛୁ, ଆମମାନଙ୍କ ବେକରେ ମୁକ୍ତାର ଅଳଂକାର ଝୁଲୁଛି, ଆମମାନଙ୍କ ସିନ୍ଥିରେ କସ୍ତୁରୀ ଭର୍ତ୍ତି ହୋଇଛି । ତୁମେମାନେ ଯଦି ଆଗକୁ ଅଗ୍ରସର ହୁଅ ତେବେ ଆମେମାନେ ତୁମମାନଙ୍କୁ ଆଲିଙ୍ଗନ କରିବୁ । ଆଉ ଯଦି ତୁମେମାନେ ପଳାୟନ କଲ ତେବେ ଆମେମାନେ ତୁମମାନଙ୍କ ଠାରୁ ରୁଷ୍ଟ ହୋଇଯିବୁ ।" ଉକ୍ତ ବିରହ ଯୋଗୁଁ ଆମେମାନେ କୌଣସି ପରିତାପ ତଥା ଅନୁଶୋଚନା କରିବୁ ନାହିଁ । ଅର୍ଥାତା ଆମେମାନେ ଅନୁତପ୍ତ ହେବୁ ନାହିଁ । ସେମାନଙ୍କର ଆବେଗକୁ ଉସ୍‌କାଇବା ନିମନ୍ତେ ଉଦ୍ୟମ କଲେ । ରସୁଲ୍ କରୀମ୍ ସ.ଅ ଯେତେବେଳେ ଉକ୍ତ କବିତା ଶୁଣିଲେ ସେତେବେଳେ ଆପଣ ସ.ଅ କହିଲେ, اَللّٰھُمَّ بِکَ أَجُوْلُ وَبِکَ أَصُوْلُ وَفِیْکَ أُقَاتِلُ حَسْبِیَ اللّٰہُ وَنِعْمَ الْوَکِیْلُ । ଅର୍ଥାତ୍ ହେ ଅଲ୍ଲା ମୁଁ ତୁମ୍ଭ ସହିତ ପରିକ୍ରମା କରୁଛି ଓ ତୁମ୍ଭ ସହିତ ହିଁ ମୁଁ ଶତ୍ରୁ ଉପରେ ଆକ୍ରମଣ କରୁଛି । ତୁମ୍ଭର ପ୍ରସନ୍ନତା ପ୍ରାପ୍ତି ସକାଶେ ମୁଁ ଶତ୍ରୁ ସହିତ ଯୁଦ୍ଧ କରୁଛି । ଅଲ୍ଲାଃତାଲା ମୋ ପାଇଁ ଯଥେଷ୍ଟ ଅଟନ୍ତି । କାରଣ ସେ ହିଁ ଉତ୍ତମ କାର୍ଯ୍ୟ ସମ୍ପାଦନକାରୀ ଅଟନ୍ତି । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-191-192 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହା ସେମାନଙ୍କର ସାଂସାରିକ ମାଧ୍ୟମ ଥିଲା । ଏଠାରେ ଆଁହଜରତ କହିଲେ, ଆମମାନଙ୍କର ମାଧ୍ୟମ ତ' ଅଲ୍ଲାଃତାଲାଙ୍କର ଅସ୍ତିତ୍ୱ ଅଟେ । ସେ ଯାହା ହେଉ ବର୍ତ୍ତମାନ ଉଭୟ ସୈନ୍ୟବାହିନୀଙ୍କ ମଧ୍ୟରେ ନିୟମିତ ଯୁଦ୍ଧ ଆରମ୍ଭ ହୋଇଗଲା । ସେହି ଦିନ ଲୋକମାନେ ଘମାଘୋଡ଼ ଯୁଦ୍ଧ କଲେ ଏବଂ ଘମାଶାନ ଯୁଦ୍ଧ ହେଲା । ଅବୁ ଦୁଜାନା ଅନ୍‌ସାରୀ ର.ଅ, ତଲ୍‌ହା ବିନ୍ ଉବୈଦୁଲ୍ଲାଃ ର.ଅ, ହମ୍‌ଜା ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ୍ ର.ଅ, ଅଲୀ ବିନ୍ ଅବୁ ତାଲିବ୍ ର.ଅ, ଅନସ୍ ବିନ୍ ନଜର୍ ର.ଅ ଓ ସାଆଦ୍ ବିନ୍ ରବିଇ ର.ଅ ଆଦି ସାହାବାମାନେ ଯୁଦ୍ଧ ଭୂମିରେ ଅପୂର୍ବ ବୀରତ୍ୱ ପ୍ରଦର୍ଶନ କଲେ । ଅଲ୍ଲାଃତାଲା ମୁସଲମାନମାନଙ୍କ ଉପରେ ନିଜର କୃପା ସ୍ୱରୂପ ସାହାଯ୍ୟ ଅବତୀର୍ଣ୍ଣ କଲେ ଏବଂ ନିଜର ଅଙ୍ଗୀକାରକୁ ସତ ବୋଲି ପ୍ରମାଣିତ କରି ଦେଖାଇ ଦେଲେ । ମୁସଲମାନମାନେ ଖଡ଼୍‌ଗ ସାହାଯ୍ୟରେ ଅବିଶ୍ୱାସକାରୀମାନଙ୍କୁ ଭଲ ଭାବରେ ବଧ କଲେ । ଏପର୍ଯ୍ୟନ୍ତକି ସେମାନଙ୍କୁ ସୈନ୍ୟବାହିନୀରୁ ଘଉଡ଼ାଇ ଦେଲେ ଅବା ସେମାନଙ୍କର ସୈନ୍ୟବାହିନୀକୁ ଘଉଡ଼ାଇ ଦେଲେ । ଅବିଶ୍ୱାକାରୀଙ୍କ ଅଶ୍ୱାରୋହୀମାନେ ମୁସଲମାନମାନଙ୍କ ଉପରେ ତିନି ଥର ଆକ୍ରମଣ କଲେ । ପ୍ରତ୍ୟେକ ଥର ସେମାନଙ୍କୁ ତୀର ଦ୍ୱାରା ପରାଜୟ ବରଣ କରିବାକୁ ପଡ଼ିଥିଲା । ହ. ଉମର୍ ର.ଅ ସେଦିନ ନିଜର ଭାଇ ଜୈଦ୍ ର.ଅଙ୍କୁ କହିଲେ, ହେ ମୋର ଭ୍ରାତା ! ତୁମେ ମୋର ଲୌହ କବଚ ପରିଧାନ କରିନିଅ। ପ୍ରତ୍ୟୁତ୍ତରରେ ଜୈଦ୍ ର.ଅ କହିଲେ, ଆପଣ ଯେପରି ଶାହାଦତ୍‌ର ଅଭିଳାଷୀ ଅଟନ୍ତି। ଠିକ୍ ସେହିପରି ମୁଁ ମଧ୍ୟ ଶାହାଦତ୍‌ର ଅଭିଳାଷୀ ଅଟେ । ସୁତରାଂ ସେହି ଦୁଇ ଭାଇ ଲୌହ କବଚ ପରିଧାନ କଲେ ନାହିଁ । ସେମାନେ ଶାହାଦତ୍ ପ୍ରାପ୍ତିର ଅଭିଳାଷୀ ହୋଇ ବିନା ଲୌହ କବଚରେ ଯୁଦ୍ଧ ଲଢିଲେ । ସେଦିନ ଯେତେବେଳେ ଯୁଦ୍ଧ ଚରମ ସୀମାରେ ପହଞ୍ଚିଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ଅନ୍‌ସାରମାନଙ୍କ ଧ୍ୱଜାତଳେ ବସିଗଲେ ଏବଂ ଅଲୀ ର.ଅଙ୍କୁ ସନ୍ଦେଶ ପ୍ରେରଣ କଲେ ଯେ, ହେ ଅଲୀ ! ଧ୍ୱଜା ଧରି ଆଗକୁ ଅଗ୍ରସର ହୁଅ । ଅର୍ଥାତ୍ ମାଡ଼ିଚଲ । ଆପଣ ସ.ଅଙ୍କ ଉକ୍ତ ଆଦେଶକୁ ପାଳନପୂର୍ବକ ହ. ଅଲୀ ର.ଅ ଆଗକୁ ଅଗ୍ରସର ହେଲେ ଏବଂ କହିଲେ, ମୁଁ ଅବୁଲ୍ କସମ୍ ଅଟେ । ପ୍ରତ୍ୟୁତ୍ତରରେ ଅବିଶ୍ୱାସକାରୀଙ୍କ ଧାଡ଼ି ମଧ୍ୟରୁ ଜଣେ ବ୍ୟକ୍ତି ପ୍ରକଟ ହେଲା । ସେହି ବ୍ୟକ୍ତି ତଲ୍‌ହା ବିନ୍ ଅବୁ ତଲ୍‌ହା ଥିଲା । ସେହି ବ୍ୟକ୍ତି ହସ୍ତରେ ଅବିଶ୍ୱାସକାରୀଙ୍କ ଧ୍ୱଜା ଥିଲା । କାରଣ ଯୁଦ୍ଧରେ ଧ୍ୱଜା ଉଠାଇବାର ସୌଭାଗ୍ୟ ଅବ୍‌ଦୁଦ୍ ଦାର୍ ବଂଶଙ୍କ ସହିତ ବିଶେଷିତ ଥିଲା । ଅର୍ଥାତ୍ ଅବ୍‌ଦୁଦ୍ ଦାର୍ ଉପରେ ଧ୍ୱଜା ଧରିବା ଦାୟିତ୍ୱ ନ୍ୟସ୍ତ ହୋଇଥିଲା କୁରୈଶୀୟ ଧ୍ୱଜା ଅବ୍‌ଦୁଦ୍ ଦାର୍ ହିଁ ପ୍ରସ୍ତୁତ କରିଥିଲା । ତଲ୍‌ହା ବିନ୍ ଅବୁ ତଲ୍‌ହା ଯୁଦ୍ଧ ଡାକରା ଦେଲା ଏବଂ କହିଲା, କିଏ ସେହି ବ୍ୟକ୍ତି ଯିଏ ମୋ ବିପକ୍ଷରେ ଆସିବ ? ସେ ଅନେକ ଥର ମୁସଲମାନମାନଙ୍କୁ ଆହ୍ୱାନ ଜଣାଇଲା । କିନ୍ତୁ କୌଣସି ମୁସଲମାନ୍ ତା' ବିପକ୍ଷରେ ବାହାରିଲା ନାହିଁ ପରିଶେଷରେ ତଲ୍‌ହା କହିଲା, ହେ ମୁହମ୍ମଦ ସ.ଅଙ୍କ ସାଥିମାନେ ! ତୁମମାନଙ୍କର ଏହି ଧାରଣା ରହିଛି ଯେ, ତୁମମାନଙ୍କର ଶହୀଦ୍ ହୋଇଥିବା ଲୋକମାନେ ବିକୁଣ୍ଠ ପୁରକୁ ଗମନ କରନ୍ତି ଏବଂ ଆମମାନଙ୍କର ମୃତ୍ୟୁବରଣ କରୁଥିବା ଲୋକମାନେ ନର୍କଗାମୀ ହୁଅନ୍ତି । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ତଲ୍‌ହା କହିଲା, ହେ ମୁହମ୍ମଦ ସ.ଅଙ୍କ ସାଥିମାନେ ! ତୁମମାନଙ୍କର ଏହି ଅବଧାରଣା ରିହଛି ଯେ, ଅଲ୍ଲାଃଥାଲା ଆମମାନଙ୍କୁ ଶୀଘ୍ର ଶୀଘ୍ର ତୁମମାନଙ୍କର ଖଡ଼୍‌ଗ ଧାର ଉପରେ ରଖି ନର୍କ ମଧ୍ୟକୁ ନିକ୍ଷେପ କରି ଦିଅନ୍ତି ଓ ତୁମମାନଙ୍କୁ ଆମମାନଙ୍କର ଖଡ଼୍‌ଗ ଦ୍ୱାରା ଶହୀଦ୍ କରାଇ ଶୀଘ୍ର ବୈକୁଣ୍ଠ ପୁର ମଧ୍ୟରେ ପ୍ରବିଷ୍ଟ କରାଇ ଦିଅନ୍ତି । ତେଣୁ ତୁମମାନଙ୍କ ମଧ୍ୟରୁ କିଏ ସେହି ବ୍ୟକ୍ତି ଯିଏ ମୋତେ ନିଜର ଖଡ଼୍‌ଗ ସାହାଯ୍ୟରେ ଶୀଘ୍ରାତିଶୀଘ୍ର ନର୍କଗାମୀ କରାଇ ଦେବ କିମ୍ବା ଶୀଘ୍ରାତିଶୀଘ୍ର ମୋର ଖଡ଼୍‌ଗ ଦ୍ୱାରା ବୈକୁଣ୍ଠଗାମୀ ପହଞ୍ଚିଯିବ । ସେ ମୁସଲମାନମାନଙ୍କୁ ଉତ୍ତେଜିତ ତଥା ଉସ୍‌କାଇବା ନିମନ୍ତେ ଉଦ୍ୟମ କଲା । ସେ କହିବାକୁ ଲାଗିଲା ଯେ, ମୁଁ ଲାତ୍ ଓ ଉଜ୍ଜା ଈଶ୍ୱରଙ୍କ ଶପଥ କରି କହୁଛି, ତୁମେମାନେ ମିଥ୍ୟାବାଦୀ ଅଟ । ତୁମେମାନେ ନିଜ ଆସ୍ଥା ଉପେରେ ଏତେ ଭରସା କରୁଛ **(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ...)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan